


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୯ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 09 FEBRUARY 2023

Vol.No. 34 ■ No. 38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୁଣି ବଢ଼ିଲା ରେପୋ ରେଟ୍, ମହଙ୍ଗା ହେବ ଲୋନ୍





ନୂଆଦିଲ୍ଲୀ,୦୮/୦୨ : ସାଧାରଣ ଲୋକଙ୍କୁ ଝଟ୍‌କା। ପୁଣି ବଢ଼ିଲା ରେପୋ ରେଟ୍। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ତଥା ୦.୨୫ ପ୍ରତିଶତ ବୃଦ୍ଧି କରିଛି। ଏନେଇ ଆର୍‌ବିଆଇ ଗଭର୍ଣ୍ଣର ଶଶିକାନ୍ତ ଦାସ ଘୋଷଣା କରିଛନ୍ତି। ରେପୋ ରେଟ୍ ବଢ଼ିବା ଦ୍ୱାରା ସମସ୍ତ ପ୍ରକାର ଲୋନ୍ ତଥା ଋଣ ମହଙ୍ଗା ହୋଇଯିବ ବୋଲି କୁହାଯାଉଛି। ଦେଶରେ ମୁଦ୍ରାସ୍ଫୀତି ହାର ହ୍ରାସ ପାଇବା ପରେ ମଧ୍ୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ଷଷ୍ଠ ଥର ପାଇଁ ରେପୋ ରେଟ୍ ବୃଦ୍ଧି କରିବାକୁ ଘୋଷଣା କରିଛି। ଏବେ ରେପୋ ରେଟ୍ ୬.୨୫% ରୁ ୬.୫୦%କୁ ବୃଦ୍ଧି ପାଇଛି। ଏହାର ଅର୍ଥ ଘର ଠାରୁ ଆରମ୍ଭ କରି ଅଟୋ ଏବଂ ବ୍ୟକ୍ତିଗତ ଋଣ ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହେବ। ସାଧାରଣ ନାଗରିକଙ୍କୁ ଅଧିକ ଇଏମ୍‌ଆଇ ଦେବାକୁ ପଡିବ। ଦେଶର ସାଧାରଣ ବଜେଟ ଉପସ୍ଥାପନା ପରେ ଆଜି ଆରବିଆଇ ଏମପିସିର ବୈଠକ ବସିଥିଲା। ବୈଠକ ପରେ ରେପୋ ରେଟ୍ ବୃଦ୍ଧି କରାଯାଇଥିବା ନେଇ ଆର୍‌ବିଆଇ ଗଭର୍ଣ୍ଣର ନିଷ୍ପତ୍ତି ନେଇଛନ୍ତି। ଫଳରେ ଆର୍‌ବିଆଇର ଏହି ନିଷ୍ପତ୍ତି ସାଧାରଣ ଲୋକଙ୍କୁ ଝଟ୍‌କା ଦେଇଛି। ଏହାପୂର୍ବରୁ ଗତବର୍ଷ ଡିସେମ୍ବର ମାସର ଏମ୍‌ପିସି ବୈଠକ ପରେ ରେପୋ ରେଟ୍‌କୁ ୩୫ ବେସିସି ପଏଣ୍ଟ ତଥା ୫.୯୦%ରୁ ୬.୨୫%କୁ ବୃଦ୍ଧି କରାଯାଇଥିଲା। ସେହିପରି ସେପ୍ଟେମ୍ବର ୨୦୨୨ରେ ୫୦ ବେସିସ୍ ପଏଣ୍ଟ, ଅଗଷ୍ଟ ୨୦୦୨ରେ ୫୦ ବେସିସ୍ ପଏଣ୍ଟ ଜୁନ୍‌ରେ ୫୦. ଓ ମେ' ମାସରେ ୪୦ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଥିଲା।

## ଭୂକମ୍ପ ଝଟ୍‌କାରେ ଛାରଖାର ତୁର୍କୀ-ସିରିଆ, ମାଟି ତଳେ ଏବେ ବି ଫସିଛି ଅନେକ ଜୀବନ



ନୂଆଦିଲ୍ଲୀ,୦୮/୦୨ : ତୁର୍କୀ-ସିରିଆରେ ଭୁକମ୍ପର ବିଭତ୍ସ ଚିତ୍ର ସାରା ବିଶ୍ୱ ଆଖିରେ ଆଣିଦେଇଛି ଲୁହ । ଭୟଙ୍କର ଭୂମିକମ୍ପ ଯୋଗୁଁ ହଜାର ହଜାର ଲୋକଙ୍କ ପ୍ରାଣ ଯାଇଛି । ଏପରିକି ଧ୍ୱଂସ କୋଠା ତଳେ ଅନେକ ଲୋକ ଦବି ହୋଇ ପ୍ରାଣ ହରାଇଛନ୍ତି । ବର୍ତମାନ ସୁଦ୍ଧା ଭୁକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୮ହଜାର ୫ଶହ ଅତିକ୍ରମ କରିଛି । ଏହାରି ଭିତରେ ଅନେକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ତୁର୍କୀ ଓ ସିରିଆରେ ଯେଉଁ ପ୍ରଳୟଙ୍କାରୀ ଭୂମିକମ୍ପ ହୋଇଛି, ଏହାର ଝଟ୍କା ପୂରା ବିଶ୍ୱକୁ ଦୋହଲାଇଛି । ସମୟ ବଢିବା ସାଙ୍ଗକୁ ତୁର୍କୀ ଓ ସିରିଆରୁ ଯେଉଁଭଳି ଛାତିଥରା କାହାଣୀ ସାମ୍ନାକୁ ଆସୁଛି, ତାହା କଲିଜା ଥରାଇଦେଉଛି । ସୋମବାର ଭୋର ସମୟରେ ହୋଇଥିବା ଭୂକମ୍ପ ଧ୍ୱଂସର ଲୀଳା ରଚିଛି । ଏବେ ସେହି ଧ୍ୱଂସାବଶେଷ ତଳେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରୁଛନ୍ତି ଉଦ୍ଧାରକାରୀ ଟିମ୍ । ଏହି ଧ୍ୱଂସ ଲୀଳା ଭିତରେ ବି କିଛି ଜୀବନ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ତୁର୍କୀ ଓ ସିରିୟାରେ ଭୟଙ୍କର ଭୂମିକମ୍ପ ଭିତରେ ବଡ ବଡ ଅଟ୍ଟାଳିକା ମାଟିରେ ମିଶି ଯାଇଛି । ମାଟିତଳେ ଦବି ଯାଇଛନ୍ତି ହଜାର ହଜାର ଲୋକ । ହେଲେ ସେହି ଧ୍ୱଂସ ସ୍ତୁପରୁ ଜୀବିତ ଆଉ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛି ଏକ ନବ ଜନ୍ମିତ ଶିଶୁ । ଉଦ୍ଧାରକାରୀ ଟିମ୍ ତାର ବାପା-ମାକୁ ବଂଚାଇ ପାରିନାହାନ୍ତି । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁଯାୟୀ ମାଟି ତଳୁ ଲୋକଙ୍କ ଗଳିତ ମୃତ ଦେହ ଉଦ୍ଧାର କରାଯାଉଥିବା ବେଳେ ଶିଶୁର କାନ୍ଦ ଶୁଣିବାକୁ ମିଳିଥିଲା । ଏହା ପରେ ଉଦ୍ଧାରକାରୀ ଟିମ୍ ଶିଶୁକୁ ଉଦ୍ଧାର କରିଛନ୍ତି । ସେହିପରି ଭୂକମ୍ପର ଧ୍ୱସ୍ତ ବିଲ୍ଡିଂ ତଳୁ ଉଦ୍ଧାର ହୋଇଛି ଆଉ ଏକ ନିଷ୍ପାପ ଶିଶୁ । ୪ ମାସର ଶିଶୁଟିକୁ ଭଙ୍ଗା ଘର ଭିତରୁ ଉଦ୍ଧାର କରାଯାଇଛି । ବହୁ କଷ୍ଟରେ ଉଦ୍ଧାରକାରୀ ଦଳ ତାକୁ ଭଙ୍ଗା ସ୍ଲାବ ତଳୁ ଉଦ୍ଧାର କରିଛନ୍ତି । ଭୂକମ୍ପର ଧ୍ୱସ୍ତ ବିଧ୍ୱସ୍ତ ଚିତ୍ର ଭିତରେ ଛାତି ଥରାଇବା ଭଳି ଦୃଶ୍ୟ ସାମ୍ନାକୁ ଆସିବାରେ ଲାଗିଛି । ▶▶ପୃଷ୍ଠା ୭

## ନବ ଦାସଙ୍କ ଶ୍ରଦ୍ଧାଂଜଳି ସଭାରେ ଯୋଗ ଦେବାକୁ ଝାରସୁଗୁଡା ଯିବେ ମୁଖ୍ୟମନ୍ତ୍ରୀ ନବୀନ

ଭୁବନେଶ୍ୱର,୦୮/୦୨ (ନି.ପ୍ର): ଗୁରୁବାର ଦିନ ନବ ଦାସ ଙ୍କ ଏକାଦଶାହ ଓ ଶ୍ରଦ୍ଧାଂଜଳି ସଭାରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଗସ୍ତରେ ଯିବେ । ତାଙ୍କର ଝାରସୁଗୁଡା ଗସ୍ତକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି । ମଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରାୟ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ମିଳିଛି । ସେହିପରି ଆସନ୍ତା କାଲି ପାଇଁ ଝାରସୁଗୁଡା ପୋଲିସ ଟ୍ରାଫିକ ଆଡ଼ଭାଇଜରି ଜାରି କରିଛି ।

## ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ବଡ ସୂଚନା, ଏବେ ଏଟିଏମରୁ ନୋଟ୍ ଭଳି ବାହାରିବ କଏନ





ନୂଆଦିଲ୍ଲୀ,୦୮/୦୨ : ରିଜର୍ଭ ବ୍ୟାଙ୍କର ନୂଆ ଯୋଜନା । ଏଣିକି ନୋଟ୍ ଭଳି ଏଟିଏମ୍ରୁ ବାହାରିବ କଏନ୍ । ବୁଧବାର ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କିଂ ଓ ଫାଇନାନ୍ସିଆଲ୍ ସେକ୍ଟର ପାଇଁ କିଛି ଘୋଷଣା କରାଯାଇଛି । ସେଥିମଧ୍ୟରୁ ଗୋଟିଏ ହେଉଛି କଏନ ପାଇଁ ଭେଣ୍ଡିଂ ମେସିନ୍ ଘୋଷଣା । ଅର୍ଥାତ୍ ଏଣିକି ଏଟିଏମରୁ ଟଙ୍କା ଉଠାଇବା ଭଳି କଏନ ମଧ୍ୟ ଉଠାଇପାରିବେ ଗ୍ରାହକ । ଏନେଇ ଆରବିଆଇ ଗର୍ଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଏହି ଯୋଜନା କ୍ୟୁଆର କୋଡ ଚାଳିତ କଏନ ଭେଣ୍ଡିଂ ମେସିନ ହେବ । ଖୁବଶୀଘ୍ର ଆରବିଆଇ ଏନେଇ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଯାଉଛି । ୧୨ଟି ସହରରେ ଏହି ମେସିନ୍ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହେବ । ଗ୍ରାହକ ନିଜ ୟୁପିଆଇ ଆପ୍ ଦ୍ୱାରା ଏଥିରେ ଲାଗିଥଇବା କ୍ୟୁଆର ସ୍କାନ କରି କଏନ ବାହାର କରିପାରିବେ । ଏହାକୁ ନେଇ ବ୍ୟାଙ୍କଗୁଡିକୁ ମାର୍ଗଦର୍ଶିକା ଜାରି କରାଯିବ ବୋଲି କହିଛନ୍ତି ଆରବିଆଇ ଗର୍ଭର୍ଣ୍ଣର ଶକ୍ତିକାନ୍ତ ଦାସ ।

## ବାଲି ଚୋରା ଚାଲାଣ ବେଳେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢ଼ାଉ

ଭୁବନେଶ୍ୱର,୦୮/୦୨ (ନି.ପ୍ର): ବାଲି ଚୋରା ଚାଲାଣ ବେଳେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢ଼ାଉ କରାଯାଇଥିବା ଜଣା ପଡିଛି । ଚଢ଼ାଉ ବେଳେ ପ୍ରାୟ ପାଂଚଟା ଜେସିବି, ପାଂଚଟା ଟ୍ରାକ୍ଟର ଜବତ କରାଯାଇଛି । ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ମଙ୍ଗଳବାର ଦିନ ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ ।

## ପୁଣି ୫ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ଗୋପାଳ : ପଲିଗ୍ରାଫ ଓ ନାର୍କୋ ଟେଷ୍ଟ ନେଇ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର,୦୮/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ଗୋପାଳ ଦାସର ହେବ ନାର୍କୋ ଟେଷ୍ଟ । ଗୋପାଳର ନାର୍କୋ, ପଲିଗ୍ରାଫ ଟେଷ୍ଟ କରିବା ପାଇଁ ଅନୁମତି ଦେଇଛନ୍ତି ଝାରସୁଗୁଡା ଏସଡିଜେଏମ୍ କୋର୍ଟ । ଏହାସହ ଗୋପାଳର ରିମାଣ୍ଡ ଅବଧି ଆହୁରି ୫ଦିନ ବଢାଇଛନ୍ତି କୋର୍ଟ । ତୃତୀୟ ପର୍ଯ୍ୟାୟରେ ଗୋପାଳକୁ ୫ଦିନିଆ ରିମାଣ୍ଡରେ ନେଇ ଜେରା କରିବ କ୍ରାଇମବ୍ରାଞ୍ଚ । ଆଉ ଏହି ସମୟରେ ଗୋପାଳ ମୁହଁରୁ ସତ ଓଗାଳିବା ପାଇଁ ତାର ନାର୍କୋ ଓ ପଲିଗ୍ରାଫ ଟେଷ୍ଟ କରାଯିବ । ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ୧୦ଦିନ ପୂରଣ ହୋଇଥିଲେ ବି ଏପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ । ଭିନ୍ନ ଭିନ୍ନ କାହାଣୀ କହି ତଦନ୍ତକୁ ବାଟବଣା କରିବାକୁ ଚେଷ୍ଟା କରୁଛି ଅଭିଯୁକ୍ତ ଗୋପାଳ । ସତକୁ ଲୁଚାଇବା ପାଇଁ ତଦନ୍ତକୁ ଗୋଲ ଗୋଲ ବୁଲାଉଛି । ହେଲେ ଏବେ ହତ୍ୟାକାଣ୍ଡର ସତ ସାମ୍ନାକୁ ଆସିବ । ନାର୍କୋ ଓ ପଲିଗ୍ରାଫି ଟେଷ୍ଟରେ ପୂରା ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଶା କରାଯାଉଛି । ମିଳିଥିବା ସୂଚନା ଅନୁସାରେ ଗୁଜରାଟରେ ହେବ ନାର୍କୋ ଟେଷ୍ଟ । ଏଥିପାଇଁ ଝାରସୁଗୁଡାରୁ ଭାୟା କୋଲକାତା ଦେଇ ଅହମ୍ମଦାବାଦ ଅଭିମୁଖେ ଗୋପାଳକୁ ନିଆଯାଉଛି । ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୩ଦିନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪ଦିନିଆ ରିମାଣ୍ଡରେ ନେଇ ତଦନ୍ତ କରିଛି କ୍ରାଇମ୍ବ୍ରାଞ୍ଚ । ହେଲେ ଏଥିରୁ ହତ୍ୟାକାଣ୍ଡର ରହସ୍ୟ ଭେଦିବାକୁ ସକ୍ଷମ ହୋଇନି ତଦନ୍ତକାରୀ ଦଳ । ଏବେ ନାର୍କୋଟେଷ୍ଟରୁ ହୁଏତ ସତ ପଦାକୁ ଆସିପାରେ ।

## ୫୬୦ଗ୍ରାମ ବ୍ରାଉନ ସୁଗାର ଜବତ

ଭୁବନେଶ୍ୱର,୦୮/୦୨ (ନି.ପ୍ର): ଖୋର୍ଦ୍ଧା ଟାଉନ ଥାନା ଅଂଚଳ ର ତୋଟାପଡା ଛକ ନିକଟ ରୁ ୫୬୦ଗ୍ରାମ ବ୍ରାଉଁନସୁଗାର ପୋଲିସ ଜବତ ଜବତ କରିଛି । ଏହା ସହ ଗୋଟିଏ ଅଟୋ. ବ୍ୟବସାୟରେ ସଂପୃକ୍ତ ଜଣେ ମହିଳା ବ୍ୟବସାୟୀ ଙ୍କ ସମେତ ଆଉ ୩ଗିରଫ ଙ୍କୁ ଗିରଫ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଜବତ ବ୍ରାଉନ ସୁଗାରର ଆନୁମାନିକ ବଜାର ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ବୋଲି ଜଣା ପଡିଛି ।

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା




ଭୁବନେଶ୍ୱର,୦୮/୦୨ (ନି.ପ୍ର): ଆଗାମୀ ଫେବୃଆରୀ ୧୦ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୨୦୦ରୁ ଅଧିକ ଅଫିସର ନିୟୋଜିତ ହେବେ । ବ୍ଲୁ ବୁକ୍ ଆଧାରରେ ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦିଆଯିବ। ସେହିପରି -ସାଦା ପୋଷାକଧାରୀ ପୋଲିସ ସହ ରୁଫ୍‌ଟପ୍ ସୁରକ୍ଷାକର୍ମୀ ମୁତୟନ ହେବେ ବୋଲି ସୂଚନା ମିଛି । ଅନ୍ୟ ପକ୍ଷରେ କମିଶନରେଟ୍ ପୋଲିସ ଗୁରୁବାର ଦିନ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କାରକେଡ୍ ରିହର୍ସାଲ୍ କରିବ । ଉଲ୍ଲେଖନୀୟ ଯେ ଫେବ୍ରୁଆରି ୧୦ ତାରିଖ ଶୁକ୍ରବାର ସକାଳ ୯ଟା ବେଳେ ରାଷ୍ଟ୍ରପତି ଭବନରୁ ବାହାରି ପାଲାମ ବିମାନ ବନ୍ଦରରୁ ଭାରତୀୟ ବାୟୁସେନା ବିମାନ ଯୋଗେ ଆସି ରାଷ୍ଟ୍ରପତି ପୂର୍ବାହ୍ନ ୧୧.୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବେ।

## ଲାଂଚ ନେଇ ଧରା ପଡିଲେ ଶୁଳିଆପଦା ରାଜସ୍ୱ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୦୮/୦୨ (ନି.ପ୍ର): ଶୁଳିଆପଦା ରାଜସ୍ୱ ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ପାଢୀ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ଦୃଷ୍ଟିବାଧିତ ଦମ୍ପତିଙ୍କ ବିବାହ ସରକାରୀ ସହାୟତା ରାଶି ୨ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ ନେଇ ୨୫୦୦ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀ ମାନେ ଧରିଥିଲେ । ବାଲେଶ୍ୱର ଭିଜିଲାନ୍ସ ବିଭାଗ ନିକଟରେ ଏନେଇ ପୂର୍ବରୁ ଅଭିଯୋଗ ହୋଇଥିଲା ।

## କଂଗ୍ରେସରେ ଯୋଗଦେବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ



ଭୁବନେଶ୍ୱର,୦୮/୦୨ (ନି.ପ୍ର): କଂଗ୍ରେସରେ ମିଶିବେ ପୂର୍ବତନ ମୁଖ୍ୟ ଶାସନ ସଚିବ । ଭୁବନେଶ୍ୱର ନୁହେଁ ଦିଲ୍ଲୀରେ ହେବ ମିଶ୍ରଣ ପର୍ବ । କିଛିଦିନ ତଳେ ବିଜୟ ପଟ୍ଟନାୟକଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ତାହା ଏବେ ସତ ହେବାକୁ ଯାଉଛି । ଦିନେ ରାଜ୍ୟ ପ୍ରଶାସନିକ ସେବାର ମୁଖିଆ ଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେବେ । ଏଥିପାଇଁ ପ୍ରସ୍ତୁତି ସରିଛି । ସୂଚନା ଅନୁସାରେ, ଦିଲ୍ଲୀରେ ଗୁରବାରଦିନ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ରାଜ୍ୟ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେବେ । ଏଥିପାଇଁ ପିସିସି ସଭାପତିଙ୍କ ସହ ବିଜୟ ପଟ୍ଟନାୟକ ଦିଲ୍ଲୀ ଯାଇଛନ୍ତି । ମୁଖ୍ୟ ଶାସନ ସଚିବ ଥିବାବେଳେ ବିଜୟ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖ ଲୋକ ଥିଲେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ସେ ବିଜେଡିରେ ନମିଶି କଂଗ୍ରେସକୁ କାହିଁକି ଗଲେ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ▶▶ପୃଷ୍ଠା ୭

## ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୨ (ନି.ପ୍ର): ରାଜ୍ୟର ଭିତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ଧ୍ୟାନ ଦିଅନ୍ତୁ । ଓଡିଶା ଦେଶର ଦ୍ରୁତତମ ଅଭିବୃଦ୍ଧି କରୁଥିବା ରାଜ୍ୟ ମଧ୍ୟରୁ ଅନ୍ୟତମ । ରାଜ୍ୟର ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଗଲେ ଏହାର ବାସ୍ତବତା ହୃଦୟଙ୍ଗମ ହେବ । ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିଜେଡି ସାଂସଦ ମାନସ ମଙ୍ଗରାଜ ଏହା କହିଛନ୍ତି । ସେ କହିଛନ୍ତି ଯେ ଓଡିଶାକୁ ଭିତିଭୂମି ସହାୟତା ଓ ସମ୍ବଳ ପ୍ରଦାନ ଉପରେ ଅଧିକ ଧ୍ୟାନ ଦେବା ଜରୁରୀ । ଜାତୀୟ ରାଜପଥ, ଡିଜିଟାଲ କନେକ୍ଟିଭିଟି ଓ ବ୍ୟାଙ୍କିଙ୍ଗ ସେବା ଭିତିଭୂମି ବିକାଶର ପ୍ରମୁଖ କ୍ଷେତ୍ର । ସେ କହିଛନ୍ତି ଯେ ରାଜ୍ୟରେ ଏହାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଯେ ରାଜ୍ୟରେ ବହୁ ଜାତୀୟ ରାଜପଥ ପ୍ରକଳ୍ପ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । କଟକ-ସମ୍ବଲପୁର ପରି ବହୁ ଜାତୀୟ ରାଜପଥ ପ୍ରକଳ୍ପ ବହୁ ବର୍ଷ ଧରି ଦୁର୍ବଳ ଅବସ୍ଥାରେ ରହିଛି । ଉପକୂଳ ରାଜପଥ ପ୍ରକଳ୍ପ କେବଳ ଫାଇଲରେ ସୀମିତ ରହିଛି । ରାଜ୍ୟରେ ଉପକୂଳ ରାଜପଥ ପ୍ରକଳ୍ପରେ ଗୋଟିଏ ବି ଇଟା ପଡିନି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରେଳବାଇରେ ଓଡିଶାକୁ ସମ୍ପୂର୍ଣ୍ଣ ଅବହେଳା କରାଯାଉଛି । ବହୁ ରେଳପଥ ପାଇଁ ରାଜ୍ୟ ସରକାର ମାଗଣା ଜମି ଯୋଗାଇଦେଉଛନ୍ତି । ଜୟପୁର-ନବରଙ୍ଗପୁର. ଜୟପୁର-ମାଲକାନଗିରି ପ୍ରକଳ୍ପ ପାଇଁ ୫୦% ଅର୍ଥ ରାଜ୍ୟ ଦେଉଛି । ଏହିସବୁ ପ୍ରକଳ୍ପରେ କୌଣସି ଅଗ୍ରଗତି ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ପାରାଦ୍ୱୀପ-ହରିଦାସପୁରକୁ ଯାତ୍ରୀବାହୀ ଟ୍ରେନ ଚାଲିପାରୁନି । ପୁରୀ-କୋଣାର୍କ ନୂଆ ରେଳ ଲାଇନ ପ୍ରସ୍ତାବ ଉପରେ କୌଣସି ନିଷ୍ପତି ନେଉନି ରେଳବାଇ । ଏହି ପ୍ରକଳ୍ପ ପାଇଁ ▶▶ପୃଷ୍ଠା ୭

## ପୁଣି ବଦଳିପାରେ ଗାଡି ନମ୍ବର ପ୍ଲେଟ, ଚିନ୍ତାରେ ଗାଡି ମାଲିକ

ନୂଆଦିଲ୍ଲୀ,୦୮/୦୨ : ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବେ ଗାଡିରେ ଲାଗୁଛି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ । ଅନେକ ଗାଡି ମାଲିକ ନୂଆ ନମ୍ବର ପ୍ଲେଟ ଲଗାଇ ସାରିଛନ୍ତି ଆଉ କିଛି ଏଥିପାଇଁ ବୁକିଂ ବି କରିସାରିଛନ୍ତି । ଏଥିପାଇଁ ବହୁ ବାଦ ବିବାଦ ହେଲା ଆଉ ଶେଷରେ ସରକାରଙ୍କ ନିଷ୍ପତି ମାନିବାକୁ ବାଧ୍ୟ ହେଲେ ଗାଡି ମାଲିକ । କିନ୍ତୁ କେଇ ମାସ ଭିତରେ ଏହି ନମ୍ବର ପ୍ଲେଟ ବି ଅକାମୀ ହୋଇଯାଇପାରେ ବୋଲି ଆଶଙ୍କା କରାଯାଉଛି । ଜାତୀୟ ରାଜପଥରେ କୌଣସି ଅସୁବିଧାକୁ ଦୂର କରିବା ପାଇଁ ନ୍ୟାସନଲ ହାଇୱେ ଅଥରିଟି ଅଫ ଇଣ୍ଡିଆ। ଉନ୍ନତ ଜ୍ଞାନ କୌଶଳ ଏ.ଏନ.ପି.ଆର ବ୍ୟବହାର କରିବାକୁ ଯାଉଛି । ତେବେ ଏଥିପାଇଁ ନମ୍ବର ପ୍ଲେଟ ବଦଳିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଗଲାଣି । ଆଉ ଏହି ଖବର ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି । ଟୋଲ ଆଦାୟ ବ୍ୟବସ୍ଥାକୁ ସହଜ କରିବା ପାଇଁ ସ୍ୱୟଂଚାଳିତ ନମ୍ବର ପ୍ଲେଟ ସ୍ୱୀକୃତି ଏ.ଏନ.ପି.ଆର ଉପରେ ବିସ୍ତୃତ ଅଧ୍ୟୟନ ପାଇଁ ଏନଏଚଏଆଇ ଏକ ପରାମର୍ଶଦାତା ଏଜେନ୍ସି ନିଯୁକ୍ତି କରିଛି । ଗତ କିଛି ଦିନ ତଳେ ରାଜ୍ୟସଭାରେ ଲିଖିତ ଉତ୍ତରର ଜବାବ ଦେଇ ଏଭଳି ସୂଚନା ଦେଇଛନ୍ତି ▶▶ପୃଷ୍ଠା ୭

# ଓଡିଶା ପାଇଁ କେନ୍ଦ୍ର ସରକାରଙ୍କର ଫୁଡ ସବସିଡି, ଧାନ କିଣା ଲକ୍ଷ୍ୟ ବର୍ଷକୁ ବର୍ଷ ବଢୁଛି : ବସନ୍ତ ପଣ୍ଡା

ଭୁବନେଶ୍ୱର, ୮/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣା ଓ ଓଡିଶାରେ ଧାନ ବିକ୍ରି ଅବ୍ୟବସ୍ଥାରୁ ନଜର ହଟାଇବା ପାଇଁ ବିଜୁ ଜନତା ଦଳ ପ୍ରତିଦିନ ନୁଆ ନୁଆ ମିଛ ଅଭିଯୋଗ କରୁଛି । ରାଜ୍ୟ ସରକାରଙ୍କର ଧାନ କିଣା ବ୍ୟବସ୍ଥାର ନୋଡାଲ ଏଜେନ୍ସି ହେଉଛି ରାଜ୍ୟ ଯୋଗାଣ ନିଗମ । କେନ୍ଦ୍ର ସରକାର ଧାନ କ୍ୱିଂଟାଲ ପିଛା ୨୦୪୦ ଟଙ୍କା ହିସାବରେ ଧାନ କିଣା ଅର୍ଥ ରାଜ୍ୟ ସରକାରଙ୍କୁ ଦିଅନ୍ତି । ରାଜ୍ୟ ସରକାର ଧାନ କିଣା ପ୍ରକ୍ରିୟାକୁ ଯୋଗାଣ ବିଭାଗ ମାଧ୍ୟମରେ କ୍ରିୟାନୟନ କରନ୍ତି । ଏବେ ୨୦ ଦିନ ହେଲାଣି ଯୋଗାଣ ବିଭାଗର ଏମଡିଙ୍କର ପତା ନାହିଁ । ଚାଷୀମାନଙ୍କୁ ୪୮ ଘଂଟା ଭିତରେ ଅର୍ଥ ଦେବାର ଘୋଷଣା କରିଥିଲା ବେଳେ ଏକ ମାସ ପରେ ବି ଚାଷୀମାନଙ୍କୁ ଧାନ କିଣା ଅର୍ଥ ଓଡିଶାରେ ମିଳିପାରୁନି । ଚାଷୀମାନେ ଏବେ ଘୋର ହତାଶରେ ଯେ ସେମାନଙ୍କୁ ଧାନ କିଣା ଅର୍ଥ ମିଳିବ କି ନାହିଁ ? ଏସବୁ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ବିଜୁ ଜନତା ଦଳର ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଆଜି ଫୁଡ ସବସିଡ ଓ ଧାନ କିଣାକୁ ନେଇ ଗୁଡିଏ ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କ ଆକ୍ରୋଶରୁ ନିଜ ଦଳକୁ ବଂଚାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ବିଜେପି ସାଂସଦ ବସନ୍ତ ପଣ୍ଡା ପ୍ରତିକ୍ରିୟାରେ କହିଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି ଯେ ୨୦୧୩ ମସିହାରେ ଓଡିଶାକୁ ଫୁଡ ସବସିଡ ଆକାରରେ ମିଳୁଥିଲା ୩୦୪୧ କୋଟି ଟଙ୍କା । ଏବେ ମିଳୁଛି ୮୪୦୦ କୋଟି ଟଙ୍କା । ଏହା ବାଦ ପୁଣି ଧାନ କିଣା ଅର୍ଥ ଅଲଗା ମିଳୁଛି । ସାରା ଦେଶ ପାଇଁ ୨୦୧୩ ମସିହାରେ ମୋଟ ଫୁଡ ସବସିଡ ଥିଲା ୯୦ ହଜାର କୋଟି । ଏବେ ଦେଶର ମୋଟ ଫୁଡ ସବସିଡ ବଜେଟ ହେଉଛି ୧ ଲକ୍ଷ ୯୭ ହଜାର କୋଟି । ପ୍ରସନ୍ନ ଆଚାର୍ଯ୍ୟ ବାବୁ ଗଣିତ କଷି କୁହନ୍ତୁ ଫୁଡ ସବସିଡ କମିଲା କି ବଢିଲା ?

ଓଡିଶାର ଚାଷୀ ମାନଙ୍କ ପାଖରୁ କେନ୍ଦ୍ର ସରକାର ୨୦୦୯ ରୁ ୨୦୧୪ ଆର୍ଥିକ ବର୍ଷ ମଧ୍ୟରେ ୧୪.୨୬ ମିଲିୟନ ମେଟ୍ରିକ ଟନ ଧାନ କିଣିଛନ୍ତି । ମାତ୍ର ମୋଦି ସରକାରଙ୍କ ସମୟରେ ଓଡିଶାରେ ଆର୍ଥିକ ବର୍ଷ ୨୦୧୪ ରୁ ୨୦୨୨ ମଧ୍ୟରେ ୩୬.୮୬ ମିଲିୟନ ମେଟ୍ରିକ୍ ଟନର ଧାନ କିଣାଯାଇଛି । ୨୦୧୩-୧୪ ଆର୍ଥିକ ବର୍ଷରେ ଧାନର ଏମଏସପି କ୍ୱିଟାଂଲ ପ୍ରତି ୧୩୧୦ ଟଙ୍କା ଥିଲା ବର୍ତମାନ ଧାନର ଏମଏସପି କ୍ୱିଂଟାଲ ହେଉଛି ୨୦୪୦ ଟଙ୍କା । ଏହା କଣ ପ୍ରସନ୍ନ ବାବୁଙ୍କୁ ଜଣା ନାହିଁ କି ? ଯଦି ବିଜୁ ଜନତା ଦଳ ଚାହୁଁଛି ଧାନ କ୍ୱିଂଟାଲ ପିଛା ୨୯୩୦ ଟଙ୍କା ହେଉ ବୋଲି ତାହେଲେ ବାକି ଅର୍ଥ ରାଜ୍ୟ ସରକାର ନିଜ ବଜେଟରୁ ଚାଷୀମାନଙ୍କୁ ଦିଅନ୍ତୁ ବୋଲି ଶ୍ରୀ ପଣ୍ଡା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପରାମର୍ଶ ଦେଇଛନ୍ତି । ଓଡିଶାରେ ଧାନମଣ୍ଡିରେ କଟ୍‌ନୀ ଛଟନୀ, ମିଲରଙ୍କ ଚାଷୀମାରଣ ନୀତି ପାଇଁ ଓଡ଼ିଶାରେ ଧାନ କିଣା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ । ବିଭିନ୍ନ ରାଜ୍ୟମାନେ ନିଜ ବଜେଟ୍‌ରେ ଚାଷୀମାନଙ୍କୁ ଧାନ କ୍ୱିଂଟାଲ ପିଛା ୧୦୦ ରୁ ୧୦୦୦ଟଙ୍କା ବୋନସ ଦେଉଥିବାବେଳେ ଓଡ଼ିଶା ସରକାର କାହିଁକି ଟଙ୍କାଟିଏ ବି ବୋନସ ଦେଉନାହାନ୍ତି ଏହାର ଜବାବ୍ ବିଜୁ ଜନତା ଦଳ ଦେଉ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଓଡିଶାରେ ବର୍ଷ ୨୦୧୪-୨୧ ଅଗଷ୍ଟ ମାସ ସୁଦ୍ଧା ୨୦,୨୭୨.୩୩ ଟନ ଡାଲି କିଣାଯାଇଛି ଏବଂ ଏହାର ଏମଏସପି କ୍ୱିଂଟାଲ ପ୍ରତି ୬୨୭୧.୧୧ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ବର୍ଷ ୨୦୧୪-୨୧ ଅଗଷ୍ଟ ମାସ ସୁଦ୍ଧା ଓଡ଼ିଶା ଚାଷୀଙ୍କ ଠାରୁ ୧୨,୯୫୭.୬୩ ଟନ ତୈଳଜାତ ସାମଗ୍ରୀ ଭାରତ ସରକାର କିଣିଛନ୍ତି ଓ ଏହାର ଏମଏସପି କ୍ୱିଟାଲ ପ୍ରତି ୪୩୫୧.୮୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ଏବେ ପ୍ରସନ୍ନ ବାବୁ ଜବାବ ଦିଅନ୍ତୁ ଯେ ତାଙ୍କ ଦଳର ସରକାର କ୍ରମାଗତ ୨୩ ବର୍ଷ ଧରି କ୍ଷମତା ରହିବା ପରେ ବି କାହିଁକି ଚାଷୀଙ୍କ ଆୟ ଓଡିଶାରେ ସବୁଠାରୁ କମ୍ । କାହିଁକି ମୁଖ୍ୟମନ୍ତ୍ରୀ ୨୦୧୩ ଓ ୨୦୧୬ରେ ଘୋଷଣା କରିଥିବା ୧୦୦ ଟଙ୍କାର ବୋନସ ଦେଲେ ନାହିଁ ତାହାର ଜବାବ ଦିଅନ୍ତୁ । ପଶ୍ଚିମ ଓଡିଶାରେ ଚାଷୀମାନେ ନରେନ୍ଦ୍ର ମୋଦିଙ୍କ ଉପରେ ଭରଷା କରି ସମସ୍ତ ଲୋକସଭାରେ ବିଜେପିକୁ ଜିତାଇଥିଲେ । ସେଥିପାଇଁ ଭାରି କଷ୍ଟ ପାଉଛନ୍ତି ପ୍ରସନ୍ନ ଆଚାର୍ଯ୍ୟ । ସେଥିପାଇଁ ସେ ଏଭଳି ମିଛ କଥା କହୁଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ସର୍ବଭାରତୀୟ ମହିଳା ସାଂସ୍କୃତିକ ସଂଗଠନର ବିକ୍ଷୋଭ




ଭୁବନେଶ୍ୱର, ୮/୦୨ (ନି.ପ୍ର): ବିଭିନ୍ନ ଦାବି ନେଇ ଆଜି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଲୋୟରପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ନାରୀଙ୍କୁ ନିର୍ଯାତନା ଦେଉଥିବା ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ମଦ ତଥା ମାଦକଦ୍ରବ୍ୟ ଓ ଅଶ୍ଳୀଳତା ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ, ଦରବୃଦ୍ଧିରେ ଲଗାମ, ଆଶା, ଅଙ୍ଗନବାଡ଼ି, ପାଚିକା/ସହାୟକ ଆଦିଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେଇ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଆଦି କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା ଆଦି ଦାବି ନେଇ ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ । ଏଥିରେ ସଂଗଠନର ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ, ରାଜ୍ୟ ସଂପାଦିକା ସ୍ୱୟଂପ୍ରଭା ନାୟକ, ଉପସଭାନେତ୍ରୀ ସରୋଜିନୀ ନାୟକ, ଲିଓନି ତିର୍କୀ, ରାଜ୍ୟ ସମ୍ପାଦିକା ମଣ୍ଡଳୀ ସଦସ୍ୟା ତରଙ୍ଗିଣୀ ଦାସ, ମାନସୀ ସ୍ୱାଇଁ, ମନ୍ ଦୋଦରୀ ରାଉଳ, ଦ୍ରୌପଦୀ ମହାନ୍ତ, ପ୍ରଭାମଞ୍ଜୁଳା ବ୍ରହ୍ମ, କାର୍ଯ୍ୟକାରିଣୀ ସଭ୍ୟା ସଂଯୁକ୍ତା ସାମଲ, ମିଞ୍ଜାରୀ ଦେଓଗାମ, ପ୍ରବାସିନୀ ରାଉଳ, ସ୍ୱାଧୀନୀ ବେହେରା, ପ୍ରସନ୍ନା ମିଶ୍ର, ସଂଘମିତ୍ରା ମହାପାତ୍ର, ସୁଲୋଚନା ପ୍ରଧାନ, ପ୍ରମିଳା ପଣ୍ଡା, ବିଜୟଲକ୍ଷ୍ମୀ ପାତ୍ର ଓ ମାଳବିକା ସାମଲ ପ୍ରମୁଖ ସାମିଲ ହୋଇଥିଲେ ।

# ଆଂଚଳିକ ପରିବହନ ଅଧିକାରୀଙ୍କ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର, ୮/୦୨ (ନି.ପ୍ର): ଯେକୌଣସି ଦେଶ ବା ରାଜ୍ୟର ଅର୍ଥନୈତିକ ପ୍ରଗତିରେ ଏକ ଉତମ ପରିବହନ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଜନକଲ୍ୟାଣକାରୀ ପରିବହନ ବ୍ୟବସ୍ଥା ଜନସାଧାରଣଙ୍କୁ ଯୋଗାଇଦେବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ ବୋଲି ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଜଳସଂପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଛନ୍ତି ।

ଆଜି କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସଡ଼କ ପରିବହନ ନୀତି ଓ ଏହାର କାର୍ଯ୍ୟକାରିତା ସଂପର୍କିତ ଆଂଚଳିକ ପରିବହନ ଅଧିକାରୀଙ୍କ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି ଯେ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ନିଷ୍ପତି ଓ ପଲିସିସବୁକୁ ତୃଣମୂଳସ୍ତରରେ ସୁଚାରୁ ରୂପେ ଲାଗୁ କରିବା ଆପଣମାନଙ୍କର ମୁଖ୍ୟ ଦାୟିତ୍ୱ । ସେଥିପ୍ରତି ଆପଣମାନେ ଯନିବାନ ହେବେ । ବିଭିନ୍ନ ଅନ୍‌ଲାଇନ୍ ସେବା ପ୍ରଦାନ ଏବଂ ବିଭାଗରେ ଅଧୁନିକୀକରଣ ପ୍ରୟୋଗ କରିବାରେ ଆମ ରାଜ୍ୟ ସାରା ଭାରତବର୍ଷରେ ଅଗ୍ରଣୀ ରାଜ୍ୟ । ସେବା ପ୍ରଦାନ ସହ ବକେୟା ପଡ଼ିଥିବା ମୋଟରଯାନ ଟିକସ ଆଦାୟ କରିବା, ଏନ୍‌ଫୋର୍ସମେଣ୍ଟ ପରିଚାଳନା ପାଇଁ ମଧ୍ୟ ଆଂଚଳିକ ପରିବହନ ଅଧିକାରୀମାନେ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ । ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେଇ 'ମୋ ସରକାର' କାର୍ଯ୍ୟକ୍ରମରେ ବିଭାଗକୁ ଉତମ ଫିଡ୍‌ବ୍ୟାକ୍ ମିଳୁଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ।

ଆହୁରି ମଧ୍ୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ଆର୍ଟିଓ ଓ ଏମ୍‌ଭିଆଇମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଦେବା ପାଇଁ ନିଷ୍ପତି ନିଆଯାଇଛି । ଆର୍ଟିଓମାନଙ୍କ କାର୍ଯ୍ୟଦକ୍ଷତା ତଥା ଅଭିନବ କାର୍ଯ୍ୟକଳାପ ଭିତିରେ ସେମାନଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯିବ । ଦୁର୍ଘଟଣାଗ୍ରସ୍ତଙ୍କର କିପରି ତୁରନ୍ତ ଜୀବନ ବଂଚାଯାଇପାରିବ ସେଥିପାଇଁ ଜିଲ୍ଲାସ୍ତରରେ ଅଧିକରୁ ଅଧିକ ଉତମ ସାହାଯ୍ୟକାରୀ ସୃଷ୍ଟି କରିବା ପାଇଁ ଆଂଚଳିକ ପରିବହନ ଅଧିକାରୀମାନେ ଚେଷ୍ଟା କରନ୍ତୁ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ତାଙ୍କ ଉଦ୍‌ବୋଧନରେ କହିଥିଲେ ।

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କର୍ମଶାଳାକୁ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ ସେବାପ୍ରଦାନ କ୍ଷେତ୍ରରେ ଆମ ରାଜ୍ୟରେ ମିଳୁଥିବା ସୁବିଧାସୁଯୋଗ ଅନ୍ୟ କୌଣସି ରାଜ୍ୟରେ ପ୍ରାୟତଃ ଦେଖିବାକୁ ମିଳେନାହିଁ । ରାଜ୍ୟର ସାମଗ୍ରିକ ବିକାଶ ଦୃଷ୍ଟିକୋଣରୁ ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ ଦେବା ସହ ରାଜ୍ୟର ସମୃଦ୍ଧି ଏବଂ ପ୍ରଗତି ପାଇଁ ପରିବହନର ମୁଖ୍ୟ ଅବଦାନ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ତେଣୁ ରାଜ୍ୟର ସମୃଦ୍ଧି ପାଇଁ ଅଧିକାରୀମାନେ ସମୟ ସହିତ ତାଳଦେଇ କାର୍ଯ୍ୟକରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ଦୁର୍ଘଟଣାଗ୍ରସ୍ତଙ୍କୁ ସରକାରୀ ସ୍ତରରେ ଦିଆଯାଉଥିବା ଅନୁକମ୍ପା ସହାୟତା କିଭଳି ଭାବେ କ୍ଷତିଗ୍ରସ୍ତମାନେ ସହଜରେ ଏବଂ ସଙ୍ଗେ ସଙ୍ଗେ ପାଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟ ଶ୍ରୀମତୀ ପାଢ଼ୀ ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ ।

କର୍ମଶାଳାରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଉପସ୍ଥିତ ପରିବହନ ଅଧିକାରୀମାନଙ୍କୁ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍ ମାଧ୍ୟମରେ କରିବାକୁ ପରାମର୍ଶ ଦେବା ସହ ୫-'ଟି' ଉପଯୋଗରେ ସମସ୍ତେ ନିଜ ନିଜର ସର୍ବୋକୃଷ୍ଟ ଉଦ୍ୟମ ଦେଇ ବିଭାଗ ପାଇଁ ସୁନାମ ଆଣିବାକୁ କହିଥିଲେ । ରାଜ୍ୟ ପରିବହନ କର୍ତୃପକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ପରିବହନ ନୀତି କାର୍ଯ୍ୟକାରିତା ଅନ୍ତର୍ଗତ ସଡ଼କ ସୁରକ୍ଷା, ନିୟମର କଡ଼ାକଡ଼ି ଅନୁପାଳନ, ଭିତିଭୂମି ଉନ୍ନୟନ ଏବଂ ରାଜସ୍ୱ ଆଦାୟ ସଂପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦୀପ୍ତେଶ ପଟ୍ଟନାୟକ ନିଗମ ପକ୍ଷରୁ ରାଜ୍ୟର ବିଭିନ୍ନ ଅଂଚଳକୁ ଯୋଗାଇ ଦିଆଯାଉଥିବା ବସ୍‌ସେବା ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସଂଜୟ କୁମାର ମିଶ୍ର ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ପ୍ରଦାନ ପାଇଁ ଅଧିକରୁ ଅଧିକ ସଚେତନତା ସୃଷ୍ଟି ସହ ଇ-ଚାଲାଣ ବ୍ୟବସ୍ଥା, ମାଲପରିବହନ କ୍ଷେତ୍ରରେ ଆସୁଥିବା ବିଭିନ୍ନ ଅସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ବିଭିନ୍ନ ଆଂଚଳିକ ପରିବହନ ଅଧିକାରୀମାନେ ନିଜ ନିଜର କର୍ମକ୍ଷେତ୍ରରେ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତମ ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

# କୃଷକମାନଙ୍କ ସମସ୍ତ ଧାନ କ୍ରୟ ସହିତ ଏମଏସପିକୁ ନିଶ୍ଚିତ କରୁ କେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୮/୦୨ (ନି.ପ୍ର): କେନ୍ଦ୍ର ସରକାର ଚଳିତ ବର୍ଷର ବଜେଟରେ ଧାନ କ୍ରୟ କ୍ଷେତ୍ରରେ ୨୦,୦୦୦ କୋଟି ଟଙ୍କାର ବୃହତ ରାଶି ହ୍ରାସ କରିଛନ୍ତି । ସ୍ୱାମୀନାଥନ୍ କମିଶନ ରିପୋର୍ଟ ସୁପାରିଶ କାର୍ଯ୍ୟକାରିତା ବିଷୟ ବି ଭୁଲିଯାଇଛନ୍ତି । ଏହି ବୃହତ ୨୦,୦୦୦ କୋଟି ଟଙ୍କା ହ୍ରାସ ଯୋଗୁଁ କୃଷକମାନେ ସେମାନଙ୍କର ଏମ୍‌ଏସ୍‌ପି ପାଇବାରେ ଅସମର୍ଥ ହେବେ ଏବଂ ଧାନ କିଣା କ୍ରମଶଃ ହ୍ରାସ ପାଇବ । ଏହା ଓଡିଶାର କୃଷକମାନଙ୍କୁ ବିଶେଷ ଭାବରେ ପଶ୍ଚିମ ଓଡିଶାର କୃଷକଙ୍କୁ ପ୍ରଭାବିତ କରିବ ଏବଂ ସେମାନଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବଜେଟରେ ଅର୍ଥ ହ୍ରାସ ଯୋଗୁଁ କେନ୍ଦ୍ର ଏମ୍‌ଏସ୍‌ପିକୁ ୧.୫ ଗୁଣ ବୃଦ୍ଧି କରିବ ନାହିଁ ଏବଂ ଧାନର କୁଇଂଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ କରିବା ପାଇଁ ଚାଷୀଙ୍କ ଦାବି ଅନୁଯାୟୀ ଓଡ଼ିଶା ବିଧାନସଭାରେ ପାରିତ ସର୍ବସମ୍ମତ ପ୍ରସ୍ତାବକୁ ମଧ୍ୟ ପୁଣିଥରେ ପ୍ରତ୍ୟାଖାନ କରିବ । ଯାହାଦ୍ୱାରା ଓଡିଶାର ଲକ୍ଷ ଲକ୍ଷ ଚାଷୀ ଦୁଃଖ ଏବଂ ଯନ୍ତ୍ରଣା ପାଇବେ । କେନ୍ଦ୍ର ମଧ୍ୟ ଓଡିଶାରୁ ଖାଦ୍ୟଶସ୍ୟ କ୍ରୟ ଲକ୍ଷ୍ୟକୁ ହ୍ରାସ କରିଛି । ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା ଓଡିଶାରୁ ବର୍ଷକୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଯାଉଥିବା ବେଳେ ବର୍ତମାନ ୨୦୨୨-୨୩ ପାଇଁ କେନ୍ଦ୍ର ଏହାକୁ ୮୦% ହ୍ରାସ କରି ମାତ୍ର ୪ ଲକ୍ଷ ଟନ କରିଛି । କେବଳ ଓଡ଼ିଶାର ବରଗଡ ଜିଲ୍ଲା ୪ ଲକ୍ଷ ଟନ ଚାଉଳ ଉତ୍ପାଦନ କରେ, ବାକି ୨୯ଟି ଜିଲ୍ଲାର ଅବସ୍ଥା କ'ଣ ହେବ ? ସେହି ୨୯ଟି ଜିଲ୍ଲାର କୃଷକମାନେ କେଉଁଠାରେ ସେମାନଙ୍କର ଧାନ ବିକ୍ରି କରିବେ ? କେନ୍ଦ୍ର ଏହା ଉପରେ ସମ୍ପୂର୍ଣ୍ଣ ନିରବ ରହିଛି ।

କେନ୍ଦ୍ରର ଏଭଳି ଅନ୍ୟାୟ ଯୋଗୁଁ ପଶ୍ଚିମ ଓଡ଼ିଶାର କୃଷକମାନେ ଅଧିକ କ୍ଷତିଗ୍ରସ୍ତ ହେବେ । ପଶ୍ଚିମ ଓଡିଶାର ପାଂଚ ଜଣ ବିଜେପି ସାଂସଦ କ'ଣ କରୁଛନ୍ତି ? ସେମାନେ ୨୦୧୯ରେ ପଶ୍ଚିମ ଓଡିଶାର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ ମଧ୍ୟ ଧାନ କ୍ରୟ ପାଇଁ ସେମାନେ ପଶ୍ଚିମ ଓଡିଶାର କୃଷକଙ୍କ ସପକ୍ଷରେ ପଦୁଟିଏ ହେଲେ କହୁ ନାହାଁନ୍ତି । ୨୦୨୪ରେ ସେମାନେ ପୁଣି ଥରେ ସେହି ଭୋଟରଙ୍କୁ କିପରି ସାମ୍ନା କରିବେ, ଯେଉଁମାନେ ୨୦୧୯ରେ ସେମାନଙ୍କୁ ବିଶ୍ୱାସ କରିଥିଲେ ? ଧାନ କ୍ରୟ ସହ ପଶ୍ଚିମ ଓଡିଶାର କୃଷକଙ୍କ ସ୍ୱାର୍ଥ ପାଇଁ ପାଟି ନଖୋଲି ଓଡିଶାର କେନ୍ଦ୍ର ମନ୍ତ୍ରୀମାନେ କାହିଁକି ଚୁପ୍ ରହିଛନ୍ତି ? ପଶ୍ଚିମ ଓଡ଼ିଶାର କୃଷକ ଏବଂ ଭୋଟରମାନେ ଭବିଷ୍ୟତରେ ଓଡିଶା ବିଜେପିର କେନ୍ଦ୍ରୀୟ ମନ୍ତ୍ରୀ ଏବଂ ପଶ୍ଚିମ ଓଡିଶାର ବିଜେପି ସାଂସଦଙ୍କ ଏଭଳି ନିରବତା ଦେଖି ସେମାନଙ୍କୁ ଆଉ ବିଶ୍ୱାସ କରିବେ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।

ଆମେ ଦାବି କରୁଛୁ ଯେ ଓଡିଶା ଚାଷୀଙ୍କର ସ୍ୱାର୍ଥ ବିଶେଷକରି ପଶ୍ଚିମ ଓଡିଶା ଚାଷୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ବଳକା ଖାଦ୍ୟ ଶସ୍ୟକୁ ଧାନ କିଣା ପ୍ରକ୍ରିୟାରେ କେନ୍ଦ୍ର ସରକାର ଖରିଦ କରନ୍ତୁ ଏବଂ ଓଡ଼ିଶାର କୃଷକମାନେ କୌଣସି ସ୍ଥିତିରେ ଯେଭଳି ଏମ୍‌ଏସ୍‌ପିରୁ ବଂଚିତ ହେବେ ନାହିଁ ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

## ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ

ଜୟପୁର, ୮/୦୨ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର କଳା ଶିକ୍ଷକ ପ୍ରଭାକର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଉଦ୍ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ୭୦ରୁ ଉର୍ଦ୍ଧ୍ୱ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ଖିଲ, ଦିନେଶ ଦଳେଇ, ପ୍ରଫୁଲ୍ଲ ଜାନୀ, ପ୍ରଫୁଲ୍ଲ ସାଉନ୍ତା, ଭକ୍ତରାମ ମୁଦୁଲି ପ୍ରମୁଖ ଶିଶୁ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼, ଦୁର୍ଗାପ୍ରସାଦ ପାତ୍ର, ନରେଶ କୁମାର ଷଡଙ୍ଗୀ, ଦେବେନ୍ଦ୍ର କୁମାର ପାଢ଼ୀ, ସୁରଚିତା ପଟନାୟକ, ସୋମନାଥ ସାକିଆ, ହିତକର ଚରତି, ସାଗରିକା ପାତ୍ର, ରଶ୍ମିତା ନାହାକ, ପପିତା ପ୍ରଧାନ, ସୁଧା ପଟନାୟକ, ଏସ୍. ନାଗେଶ୍ୱର ରାଓଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥଲେ ।

# ଡିଡି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି: ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୫ ବିଜେଡି ବିଧାୟକ

କେନ୍ଦୁଝର, ୮/୦୨ (ନି.ପ୍ର): ବହୁବର୍ଷ ଧରି କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଆସୁଛି । କିଛିଦିନ ତଳେ ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପରେ ଆଜି କେନ୍ଦୁଝର ଜିଲ୍ଲାର ଶାସକ ବିଜେଡି ଦଳର ୫ଜଣ ବିଧାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଡିଡି କଲେଜକୁ ମଧ୍ୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି । ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ଖୁବ୍‌ଶୀଘ୍ର କେନ୍ଦୁଝରବାସୀଙ୍କ ଏହି ପୁରୁଣା ଦାବି ପୂରଣ ହେବ ବୋଲି ଆଶା କରାଯାଉଛି । ସୂଚନା ଅନୁସାରେ, ବିକ୍ରମଦେବ ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଘୋଷଣା ପରେ କିଛିଦିନ ଧରି ଶାସକ ବିଜେଡି ଦଳର ତୁଙ୍ଗ ନେତାମାନେ ବାରମ୍ବାର ବୈଠକ କରୁଥିଲେ । ଡିଡି କଲେଜକୁ କିଭଳି ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବ, ସେନେଇ ବିଚାରବିମର୍ଷ ଚାଲିଥିଲା । ଏଠାରେ ଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଭିତିଭୂମି ଅଭାବ ସହ ଡିଡି କଲେଜ କିଭଳି କେନ୍ଦୁଝର ଜିଲ୍ଲାର ଗୌରବ ଗାଥା ବହନ କରୁଛି, ସେନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦଳର ବିଧାୟକମାନେ ସ୍ଥିର କରିଥିଲେ । ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଜଗନ୍ନାଥ ନାୟକ ଓ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ତଦନୁଯାୟୀ ଆଜି ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଦାବିପତ୍ର ଦେଇଛନ୍ତି । ଆସନ୍ତା ୧୩ରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ କେନ୍ଦୁଝର ଗସ୍ତ ରହିଛି । ଗସ୍ତ ସମୟରେ କିମ୍ବା ଗସ୍ତ ପୂର୍ବରୁ ଡିଡି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ବିଧାୟକମାନେ ଦାବି ଜଣାଇଛନ୍ତି ।

# ଓଡ଼ିଶାରେ ଭିତିଭୂମି ବିକାଶର ପଥ ପ୍ରଦର୍ଶନ କରୁଛି ଏଲ୍‌ଆଣ୍ଡଟି

ଭୁବନେଶ୍ୱର, ୮/୦୨ (ନି.ପ୍ର): ଲାର୍ସନ୍ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ହେଉଛି ଏକ ପ୍ରମୁଖ ଭାରତୀୟ ବହୁଦେଶୀୟ ସଂସ୍ଥା ଯାହା ଇପିସି ପ୍ରକଳ୍ପ, ହାଇ-ଟେକ୍ ମାନୁଫାକ୍‌ଚରିଂ ଓ ସେବାରେ ନିୟୋଜିତ ରହିଥିବା ବେଳେ ଦେଶବିଦେଶରେ ଉଲ୍ଲେଖନୀୟ ଭିତିଭୂମି ଗଠନ କରିବାରେ ଅନେକ ମାଇଲଖୁଂଟ ହାସଲ କରିଛି । ଓଡ଼ିଶାରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍, ଗବେଷଣା କେନ୍ଦ୍ର, କ୍ରୀଡ଼ା ଷ୍ଟାଡିୟମ୍ ଆଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ବ୍ୟବସ୍ଥା ବିକାଶରେ ଏଲ୍‌ଆଣ୍ଡଟି ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି । ନିର୍ଦ୍ଦିଷ୍ଟ କ୍ରୀଡ଼ା ଭିତିଭୂମି ଗଠନ କରିବା ଲାଗି ନିଜର ବିଶେଷତା ଓ ଅଭିଜ୍ଞତାକୁ ଆଣି ଏଲ୍‌ଆଣ୍ଡଟି ନିକଟରେ ଓଡ଼ିଶାର ରାଉରକେଲାରେ ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍ ହସ୍ତାନ୍ତର କରିଛି । ଏଠାରେ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ପଂଚଦଶ ସଂସ୍କରଣ ସଫଳତାର ସହ ସମାପ୍ତ ହୋଇଛି । ୨୧,୦୦୦ ସିଟ୍ ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ ହକି ଷ୍ଟାଡିୟମ୍‌କୁ ସମସ୍ତ ଆନ୍ତର୍ଜାତିକ ମାନଦଣ୍ଡ ପୂରଣ କରି ରେକର୍ଡ ୧୫ ମାସରେ ନିର୍ମାଣ କରାଯାଇଛି । ୫୦ ଏକର ଜମିରେ ନିର୍ମାଣ କରାଯାଇଥିବା ଏହି ଷ୍ଟାଡିୟମ୍‌ରେ ଏକ ମୁଖ୍ୟ ଖେଳ ପଡ଼ିଆ, ଏକ ଅଭ୍ୟାସ ପଡ଼ିଆ, ଅଭ୍ୟାସ ଓ ଫିଟ୍ ?ନେସ୍ କେନ୍ଦ୍ର, ଅତ୍ୟାଧୁନିକ ଖେଳାଳି ପୋଷାକ ପରିବର୍ତନ କକ୍ଷ, ଏକ ହାଇଡ୍ରୋଥେରାପି କେନ୍ଦ୍ର, ଷ୍ଟିମ୍ କକ୍ଷ, ସଉନା ଏବଂ ଆହୁରି ବହୁତ କିଛି ରହିଛି । ବିଗତ ବର୍ଷଗୁଡ଼ିକରେ ଏଲ୍‌ଆଣ୍ଡଟି ପକ୍ଷରୁ ଓଡ଼ିଶାରେ ସଫଳତାର ସହ ବହୁ ସଂଖ୍ୟାର ଉଲ୍ଲେଖନୀୟ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇଛି । ଭୁବନେଶ୍ୱରରେ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ (ନାଇଜର)ଠାରୁ ଆରମ୍ଭ କରି ଏମ୍‌ସରେ ହସ୍ପିଟାଲ୍ ପରିସର, ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ, କଳାହାଣ୍ଡି ୟୁଆଇଆଇପିରେ ଉଠା କେନାଲ ବ୍ୟବସ୍ଥା ପର୍ଯ୍ୟନ୍ତ ରାଜ୍ୟର ଭିତିଭୂମି ବିକାଶରେ ଏଲ୍‌ଆଣ୍ଡଟି ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି । କିଛି ବର୍ଷରେ ଏଲ୍‌ଆଣ୍ଡଟିର ବିଦ୍ୟୁତ୍ ବିତରଣ ଓ ବଂଟନ ବ୍ୟବସାୟ ପକ୍ଷରୁ ବିଭିନ୍ନ ସ୍କିମ୍ ଯଥା ଓଡ଼ିଶା ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ ପ୍ରକଳ୍ପ (ଓଡିଏସ୍‌ଏସ୍‌ପି), ରାଜ୍ୟ ରାଜଧାନୀ ଅଂଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ଉନ୍ନତି (ଏସ୍‌ସିଆରଆଇପିଏସ୍), ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ) ଏବଂ ସମନ୍ୱିତ ବିଦ୍ୟୁତ୍ ବିକାଶ ସ୍କିମ୍ (ଆଇପିଡିଏସ୍)ର ବିଭିନ୍ନ ପର୍ଯ୍ୟାୟରେ ବହୁ ପ୍ୟାକେଜ୍‌କୁ କାର୍ଯ୍ୟକାରୀ କରି ଓଡ଼ିଶାର ବିତରଣ ବ୍ୟବସ୍ଥାକୁ ଏହା ସୁଦୃଢ଼ ଓ ବିପର୍ଯ୍ୟୟ ପ୍ରତିରୋଧୀ କରିପାରିଛି । ଷ୍ଟାଡିୟମ୍‌କୁ ସମ୍ପୂର୍ଣ୍ଣ ରୂପେ ଷ୍ଟ୍ରକ୍‌ଚରାଲ୍ ଷ୍ଟିଲ୍‌ରେ ତିଆରି କରାଯାଇଛି ଏବଂ ଷ୍ଟାଣ୍ଡଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଆଲୁମିନିୟମ୍ କମ୍ପୋଜିଟ୍ ପ୍ୟାନେଲ୍‌ରେ ଘୋଡ଼ାଯାଇଥିବା ବେଳେ ପ୍ରାକୃତିକ ଆଲୋକ ଆସିବା ଏବଂ ବାୟୁ ପ୍ରବାହରେ ସହାୟକ ହେବା ଭଳି ବ୍ୟବସ୍ଥା କରାଯାଇଛି ।

ଏକ ମୁଖ୍ୟ ଖେଳ ପଡ଼ିଆ, ଏକ ଅଭ୍ୟାସ ପଡ଼ିଆ, ଖେଳାଳିଙ୍କ ପୋଷାକ ପରିବର୍ତନ କକ୍ଷ ସମେତ ଫିଟ୍‌ନେସ୍ କେନ୍ଦ୍ର, ଏକ ହାଇଡ୍ରୋଥେରାପି କେନ୍ଦ୍ର, ହଟ୍ ଆଣ୍ଡ କୁଲ୍ ପ୍ଲଙ୍ଗ୍ ପୁଲ, ଷ୍ଟିମ୍ ରୁମ୍, ସଉନା ଏବଂ ବହୁତ କିଛି ସୁବିଧା ସୁଯୋଗ ରହିଛି । ଏହାର ସ୍ଥାପତ୍ୟ ଡିଜାଇନ୍ ଏଭଳି ହୋଇଛି ଯେ ପ୍ରତି ଦର୍ଶକ ନିବରଚ୍ଛିନ୍ନ ଭାବେ ଖେଳକୁ ଉପଭୋଗ କରିପାରିବେ ।

୧୦୦ରୁ ଅଧିକ ଦିବ୍ୟାଙ୍ଗ ପାଇଁ ସାର୍ବଜନୀନ ବ୍ୟବସ୍ଥା ରହିଛି । ଏଫ୍‌ଆଇଏଚ୍ ଦ୍ୱାରା ମଂଜୁରୀପ୍ରାପ୍ତ ଜର୍ମାନିରୁ ଆମଦାନି ହୋଇଥିବା ଅଷ୍ଟ୍ରୋଟର୍ଫ ଏବଂ ସ୍ୱେନ୍‌ର ସଉନା ବ୍ୟବସ୍ଥା ରହିଛି । ଏହି ନୂଆ ଆନ୍ତର୍ଜାତିକ କ୍ରୀଡ଼ା ସ୍ଥଳକୁ ତିଆରି କରିବାରେ ସାରା ଦେଶର ଶ୍ରମିକ ନିୟୋଜିତ ହୋଇଥିଲେ । "ବିଶ୍ୱକପ୍ ସମୟରେ ବିର୍ସା ମୁଣ୍ଡା ଷ୍ଟାଡିୟମ୍ କାର୍ଯ୍ୟକୁ ସମ୍ପନ୍ନ କରିବା ଲାଗି ଓଡ଼ିଶା ସରକାରଙ୍କ ରହିଥିବା ଆବଶ୍ୟକତାକୁ ପୂରଣ କରିଥିବାରୁ ଆମେ ଅତ୍ୟନ୍ତ ଗର୍ବିତ ଓ ଉଲ୍ଲସିତ । ଭିତିଭୂମି ବିକାଶ ପ୍ରତି ଏଲ୍‌ଆଣ୍ଡଟିର ନିରନ୍ତର ଉଦ୍ୟମ ହେଉଛି ଭାରତର ବିଶ୍ୱାସନୀୟ ନିର୍ମାଣ ସହଯୋଗୀ ଭାବେ କଂପାନିର ରହିଥିବା ଭରସାଯୋଗ୍ୟତା ବୋଲି ଶ୍ରୀ ସତୀଶ କହିଛନ୍ତି ।

## ଅରୁନ୍ଧତୀ ଜୁଏଲର୍ସର ଆସିଷ୍ଟାଂଟ ମ୍ୟାନେଜର ଗିରଫ

ଗଞ୍ଜାମ, ୮/୦୨ (ନି.ପ୍ର): ବ୍ରହ୍ମପୁର ସାନ ବଜାର ସ୍ଥିତ ଏକ ନାମୀ ଗହଣା ଦୋକାନ ଅରୁନ୍ଧତୀ ଜୁଏଲର୍ସର ଆସିଷ୍ଟାଂଟ ମ୍ୟାନେଜର ସୀମାଚଂଳ ପାତ୍ରଙ୍କୁ ବଡ଼ବଜାର ଥାନା ପୋଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି । ସେ ବ୍ରଜନଗର ତୃତୀୟ ଗଳିରେ ରହୁଥିବା ବେଳେ ନିଜ ପଦବୀର ଦୁରୁପଯୋଗ କରି ପ୍ରାୟ ୩ ଲକ୍ଷ ଟଙ୍କାର ସୁନାଗହଣା ଲୁଚାଇ ନେଇଯାଇଥିଲେ । ଏହାକୁ ମଣପ୍ପୁରମ ଗୋଲ୍ଡ ଲୋନରେ ବନ୍ଧକ ରଖି ଟଙ୍କା ଆଣି ଅନଲାଇନ୍‌ରେ ଗେମ୍ ଖେଳିଥିବା ଅଭିଯୋଗ ହୋଇଥିଲା । ବଡ଼ବଜାର ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଗହଣା ଦୋକାନରୁ ଗାଏବ୍ ହୋଇଥିବା ୫୨୩.୨୩୦ ଗ୍ରାମର ସୁନାଗହଣାକୁ ମଧ୍ୟ ଜବତ କରିଛି ।

## ଘୋଡାଦଣ୍ଡା ଗ୍ରାମକୁ ରାଜସ୍ୱ ଗ୍ରାମ କରିବାକୁ ଦାବି

କେନ୍ଦ୍ରାପଡ଼ା, ୮/୦୨ (ନି.ପ୍ର): ଗରଦପୁର ତହସିଲ ଅନ୍ତର୍ଗତ ବଙ୍ଗାଳପୁର ପଂଚାୟତ ଅଧିନସ୍ଥ ନୂଆ ଶାସନ (ଘୋଡା ଦଣ୍ଡା) ଗ୍ରାମର ଅଧିବାସୀ ମାନେ ଘୋଡା ଦଣ୍ଡାପଡା ଗ୍ରାମଟି ବଙ୍ଗାଳପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ୧୬ନଂ ୱାର୍ଡରେ ଅନ୍ତର୍ଭୁକ୍ତ । ଉକ୍ତ ପଡା ଗ୍ରାମର ଜନସଂଖ୍ୟା ୫୦୦ ରୁ ଅଧିକ ଅଟେ । ମୂଳ ରାଜସ୍ୱ ଗ୍ରାମ ନୂଆ ଶାସନ ଠାରୁ ୨ କିମି ଦୂରେ ଅବସ୍ଥିତ । ବିଭିନ୍ନ ସମୟରେ ଏହି ପଡାର ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ ଯୋଜନାଗୁଡିକ ବିଭିନ୍ନ ସମୟରେ ପଲ୍ଲୀସଭା ଓ ଗ୍ରାମସଭା ଇତ୍ୟାଦି ମୂଳ ରାଜସ୍ୱ ଗ୍ରାମରେ ଅନୁଷ୍ଠିତ ହେଉଥିବାରୁ ଉକ୍ତ ପଡା ଗ୍ରାମର ଅଧିବାସୀ ମାନେ ସେସବୁ ସୁବିଧାରୁ ବଂଚିତ ହୋଇଥାନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

କେନ୍ଦ୍ରାପଡ଼ା, ୮/୦୨ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଂହଗାଁ ପଂଚାୟତରେ ଚଟଂକତା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଆଯୋଗ୍ୟ ହିତାଧିକାରୀ ମାନଙ୍କ ନାମ ପ୍ରକାଶ ପାଇଛି । ଅଭିଯୋଗ ମୁତାବକ ଗ୍ରାମ ସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ ସରପଂଚଙ୍କ ମନମୁଖୀ ଗ୍ରାମ ସଭାର ପୁନଃ ତଦନ୍ତ କରିବା ପାଇଁ ଦାବି କରାଯାଇଛି । ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନିୟମିତତା କରାଯାଇ ଥିବା ତଦନ୍ତ କରୁଥିବା ଟିମ୍ ସରପଂଚଙ୍କ ଇଙ୍ଗିତରେ କେତେକ ଗରିବ ଓ ଦାରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ କରାଯାଇ ଥିବା ଅଭିଯୋଗ କରିଛନ୍ତି ।

# ପୁରାଣ କଥା

ପରେଶ ଚନ୍ଦ୍ର ସାହୁ

ସମସ୍ତଙ୍କର ଧାରଣା ପୁରାଣ ମାନେ ପୁରୁଣା ଯୁଗର କଥା । ପୁରାଣକୁ ସନ୍ଧି କଲେ ପୁର + ଅନ ବା ସରଳ ଅର୍ଥରେ ଘର + କଥା ଅର୍ଥାତ ବଂଶ କଥା । ବିଭିନ୍ନ ଦେବା ଦେବୀଙ୍କର ପୁର କଥା । ଯେମିତି ବିଷ୍ଣୁ ପୁରାଣ ମାନେ ବିଷ୍ଣୁ ଘର ବା ପୁର କଥା । ବଂଶ ଚରିତ । ସେହିପରି ଶିବ ପୁରାଣ, ଅଗ୍ନି ପୁରାଣ, ସୂର୍ଯ୍ୟ ପୁରାଣ, ଚନ୍ଦ୍ର ପୁରାଣ, ବାୟୁ ପୁରାଣ, ଗରୁଡ଼ ପୁରାଣ, ସ୍କନ୍ଦ ପୁରାଣ ଇତ୍ୟାଦି । ପୂର୍ବ କାଳରେ ପୃଥିବୀ ଅତି ମାତ୍ରାରେ ପବିତ୍ର ଥିଲା । ମଣିଷ ମାନଙ୍କ ମଧ୍ୟରେ ଗୁଣବତ୍ତା ଅକ୍ଷୁର୍ଣ୍ଣ ରହୁଥିଲା । ଆମେ ଜାଣୁ ଯେଉଁ ମଣିଷ ମାନଙ୍କ ଠାରେ ଦେବତ୍ୱର ପ୍ରକାଶ ଘଟୁଥିଲା ସେମାନେ ଦେବତା । ପରିବେଶ ଯେହେତୁ ସ୍ୱର୍ଗୀୟ ଥିଲା ଦେବତା ମାନଙ୍କର **Degradation** ହେବାର ସମ୍ଭାବନା ନଥିଲା । ହିନ୍ଦୁ ଶାନ୍ତ୍ର ହିସାବରେ ୩୩ କୋଟି ଦେବତା ଅଛନ୍ତି ।

ଯେତେ ଦେବତା ଅଛନ୍ତି ସେଥିରୁ ଯେଉଁ ତିନି ଦେବତାଙ୍କୁ ଆମେ ବିଶେଷ ଭାବରେ ଜାଣୁ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ବ୍ରହ୍ମା ସୃଷ୍ଟିକର୍ତ୍ତା ହେଲେ, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ବା ଶିବ ହେଲେ ସଂହାର କର୍ତ୍ତା । ବ୍ରହ୍ମା ହେଲେ ବେଦପତି । ବେଦ ଅର୍ଥାତ ବିଜ୍ଞାନ ବା ଝମସରଭମର । ବିଗତ ଯୁଗରେ ବେଦକୁ ଭାଗ ଭାଗ କରିଥିବା ବ୍ୟାସଦେବଙ୍କୁ ବେଦବ୍ୟାସ ବୋଲି କୁହାଯାଏ । ସେ ଥିଲେ ଭଗବାନ ବିଷ୍ଣୁଙ୍କ ବଂଶଧର । ବ୍ରହ୍ମର୍ଷୀ ବଶିଷ୍ଠଙ୍କର ନାତି । ଏଇ ବଂଶରେ ବଶିଷ୍ଠଙ୍କ ପୁତ୍ର ଶକ୍ତି, ଶକ୍ତିଙ୍କ ପୁତ୍ର ପରାଶର, ପରାଶର ପୁତ୍ର ବ୍ୟାସ ଏବଂ ତାଙ୍କ ପୁତ୍ର ଶୁକ ଯେ ମହାଭାରତ ତଥା ପୁରାଣ କଥା ପରୀକ୍ଷିତଙ୍କୁ ଶୁଣାଇଥିଲେ ।

ମାନସ ପଟରୁ ହଜିଯାଉଥିବା ବେଦକୁ ବ୍ୟାସଦେବ ଲିପିବଦ୍ଧ କରିଥିଲେ ଏବଂ ତାକୁ ଭାଗ ଭାଗ କରିଥିଲେ ଯଥା ଋକ୍, ଯଜୁ, ଶ୍ୟାମ ଓ ଅଥର୍ବ । ଏହାପରେ ଅଷ୍ଟାଦଶ ପୁରାଣ ଯାହା ଆମର ଆଲୋଚ୍ୟ ବିଷୟ । ଏହାପରେ ମହାଭାରତ ଏଥିରେ ଭାରତର ଇତିହାସ ସହ ଚନ୍ଦ୍ରବଂଶର ଉତ୍ପତ୍ତି ଏବଂ ବିଲୟ ବର୍ଣ୍ଣିତ । ଶେଷରେ ସାବିତ୍ରୀ କାବ୍ୟ ଯେଉଁଠି ସେ ଏଇୟା ଦର୍ଶାଇଛନ୍ତି ଯେ ଚେତନା (ସତ୍ୟବାନ) ଲୋପ ପାଇଗଲେ ଜ୍ଞାନ (ସାବିତ୍ରୀ) ବଳରେ ଚେତନା କୁ ଫେରେଇ ଅଣାଯାଇପାରେ । ମହାଭାରତଟି ଏକ ସାହିତ୍ୟ ନୁହେଁ । ଏଥିରେ ବିଭିନ୍ନ ଦେବ ଅଂଶରୁ ଜାତ ମଣିଷ ମାନଙ୍କର ପରିଣତି ଚରିତ୍ର ବିଷୟରେ ବର୍ଣ୍ଣନା କରାଯାଇଅଛି ଯାହାକୁ **Human Genetics** ସହ ମଧ୍ୟ ତୁଳନା କରାଯାଇପାରେ ।

ବ୍ୟାସଦେବ ଯେଉଁ ପୁରାଣ ରଚନା କରିଥିଲେ ତାହା ଅଷ୍ଟାଦଶ ପୁରାଣ ଭାବରେ ଖ୍ୟାତ । ବିଷ୍ଣୁ ପୁରାଣରେ ଭଗବାନ ବିଷ୍ଣୁଙ୍କର ବିଭିନ୍ନ ଅବତାର ସମ୍ପର୍କରେ ବର୍ଣ୍ଣନା କରାଯାଇଅଛି । ସେଥିରେ ମୁଖ୍ୟ ଗୁଡ଼ିକ ହେଲା ମତ୍ସାବତାର, କଚ୍ଛପ, ନୃସିଂହ, ବରାହ, ବାମନ, ପର୍ଶୁରାମ, ରାମ ଇତ୍ୟାଦି ଓ ଅବତାରୀ ଶ୍ରୀକୃଷ୍ଣ । ସାଂଖ୍ୟ ଯୋଗର ପ୍ରଣେତା କପିଳ ମୁନି ମଧ୍ୟ ଭଗବାନ ବିଷ୍ଣୁଙ୍କର ଏକ ଅଂଶ । ଏତଦ୍ ବ୍ୟତୀତ ଦତ୍ତାତ୍ରେୟ ଆଦି ଅନ୍ୟ କେତେକ ଅବତାର ମଧ୍ୟ ପୁରାଣକାର ମାନେ ଦର୍ଶାଇଛନ୍ତି । ବିଭିନ୍ନ ଅବତାର ସମୟରେ ବିଷ୍ଣୁ ଯେପରି ଧରାପୃଷ୍ଠକୁ ଆସିଥାନ୍ତି ଦର୍ଶନର ପ୍ରତୀକ ମହାଦେବ ଶିବ ମଧ୍ୟ ବିଭିନ୍ନ ଭାବରେ ତାଙ୍କ ସହାୟତା କରିଥାନ୍ତି ।

ପୁରାଣ ତ ଆଗରୁ ଥିଲା । ଆମେ ଯେଉଁ ପୁରାଣ ବିଷୟରେ ଜାଣୁ ବା ଆଲୋଚନା କରୁ ତାହା ପ୍ରାୟ ୫୦୦୦ ବର୍ଷ ତଳେ ଲିପିବଦ୍ଧ ହୋଇଥିଲା । ରାଉର କେଲାର ପାନପୋଷ ଠାରେ ବେଦବ୍ୟାସ ବୋଲି ଏକ ସ୍ଥାନ ଏବେବି ଅଛି । ଯେଉଁଠି ବ୍ୟାସଦେବ ବେଦ ଗୁଡ଼ିକ ଭାଗ ଭାଗ କରିଥିଲେ । ସେଇଠାରୁ ହିଁ ବ୍ରାହ୍ମଣୀ ନଦୀର ଉତ୍ପତ୍ତି । ଶଙ୍ଖ ଏବଂ କୋଏଲ ନଦୀର ମିଳନ ସ୍ଥଳି । ବିଷ୍ଣୁ ଥିଲେ ଶ୍ରେଷ୍ଠ । ସେ ହେଲେ ଇନ୍‌ଫିନିଟି ବା ଆମେ ତାଙ୍କ ବିଷୟରେ ଯେତିକି ଭାବୁ ତାଠୁ ସେ ବଡ଼ । ଇଂରାଜୀରେ (ଇନଫିନଟି)ର ସଂଜ୍ଞା ହେଲା **The greater than the greatest you think.** ସେଇଥିପାଇଁ କୁହାଯାଏ ତମ ଉପରେ ଆଉ ଜଣେ ଅଛନ୍ତି । ବ୍ରହ୍ମା ହେଲେ ବଡ଼ । ଋଷିଗଣ ତାଙ୍କର ସନ୍ତାନ ସନ୍ତତି । ଦେବ, ଅସୁର, ଯକ୍ଷ ରାକ୍ଷସ ମାନେ ତାଙ୍କଠୁ ସୃଷ୍ଟି । ଅସୁରମାନେ ଦେବଗଣଙ୍କ ସହ ଶତୃତା କଲାବେଳେ ଯକ୍ଷ, ରାକ୍ଷସ ମଣିଷକୁ **Challenge** ବା ପ୍ରତିବନ୍ଧକ ଦିଅନ୍ତି ।

ପୁରାଣରେ ବର୍ଣ୍ଣିତ ଦେବାଦେବୀଙ୍କୁ **Breeding theory** ଅନୁସାରେ **Pure breed character** କୁହାଯାଇପାରେ । ଧରାଯାଉ ବାୟୁ ପୁରାଣ । ବାୟୁ ବଂଶରେ ବଳଶାଳୀ ଚରିତ୍ର ସବୁ ଜନ୍ମ ହୋଇଥାନ୍ତି । ଯଥା ରାମାୟଣରେ ହନୁମାନ ଏବଂ ମହାଭାରତରେ ଭୀମ । ଏଇଭଳି ଚରିତ୍ରକୁ ଆପଣମାନେ ଜାଣନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ପରେ ଯେଉଁ ଦେବତାଙ୍କୁ ମୁଖ୍ୟ ବୋଲି ଗଣନା କରାଯାଏ ସେ ହେଲେ ସୂର୍ଯ୍ୟ । ସୂର୍ଯ୍ୟ ବଂଶ ଏକ ବିରାଟ ଅଧ୍ୟାୟ । ଧର୍ମ ଏଇ ବଂଶରେ ଜାତ । ସୂର୍ଯ୍ୟ ଏବଂ ସଞ୍ଜ୍ଞାଙ୍କ ପୁତ୍ର ହେଲେ ଧର୍ମ । ଶନିଦେବ ମଧ୍ୟ ସୂର୍ଯ୍ୟଙ୍କର ପୁତ୍ର; ମାତ୍ର ତାଙ୍କ ମା ହେଲେ ଛାୟା । ମଣିଷ ମାନେ ମଧ୍ୟ ସୂର୍ଯ୍ୟଙ୍କ ଠାରୁ ଉତ୍ପତ୍ତି । ମନୁ ଯାହାଙ୍କ ନାମ ଅନୁସାରେ ମନୁଷ୍ୟ ବା ମାନବଙ୍କର ନାମ କରଣ ହୋଇଛି ସେ ମଧ୍ୟ ସୂର୍ଯ୍ୟଙ୍କ ପୁତ୍ର । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ଏଇ ଯେଉଁ ମହତବାଣୀ ସେ ଅର୍ଜୁନଙ୍କ କହୁଛନ୍ତି ଏହା ବହୁ ପୂର୍ବରୁ ସୂର୍ଯ୍ୟଙ୍କୁ ମଧ୍ୟ କହିଥିଲେ; ମାତ୍ର କାଳକ୍ରମେ ତାହା ଲୋପ ପାଇଗଲାଣି । ସୁତରାଂ ପୁରାଣ କଥା ଆକାଶର ଏକ ଧ୍ରୁବତାରା ତୁଲ୍ୟ । ତାକୁ ଏକ ଦର୍ପଣ କହିଲେ ମଧ୍ୟ କିଛି ଅତ୍ୟୁକ୍ତି ହେବ ନାହିଁ । ଯେତେବେଳେ ଜଣେ ଆତ୍ମଜ୍ଞାନୀ ହୋଇଯିବ ସେ ଜାଣି ପାରିବ ସେ କେଉଁ ମୁଖ୍ୟ ବଂଶର । ଯେପରି ରାମଚନ୍ଦ୍ର ଥିଲେ ସୂର୍ଯ୍ୟବଂଶୀ; ମାତ୍ର ଦୁର୍ଯ୍ୟୋଧନ ଚନ୍ଦ୍ରବଂଶୀ ।

ଶିବଙ୍କର ବଂଶ ଚରିତକୁ ଶିବ ପୁରାଣରେ ବର୍ଣ୍ଣନା କରାଯାଇଛି । ଶିବ ହେଲେ ସର୍ବତ୍ୟାଗୀ, ଆସକ୍ତିଶୂନ୍ୟ, ବୈରାଗୀ । ଶିବଙ୍କର ଅପମାନ ନାହିଁ । ଅପମାନ ଜନିତ ବିଷକୁ ସେ ପାନ କରିଦିଅନ୍ତି । ସମୁଦ୍ର ମନ୍ଥନ ସମୟରେ ଯେଉଁ ହଳାହଳ ବିଷ ଉତ୍ପନ୍ନ ହୋଇଥିଲା ତାକୁ ସେ ପାନ କରିଥିଲେ । ସେଥିପାଇଁ ତାଙ୍କର ଗୋଟିଏ ନାମ ନୀଳକଣ୍ଠ, ମୃତ୍ୟୁକୁ ସେ ଜୟଲାଭ କରିଥିବା ହେତୁ ତାଙ୍କର ଗୋଟେ ନାମ ମୃତ୍ୟୁଞ୍ଜୟ । ଗଙ୍ଗାଙ୍କୁ ଜଟରେ ଧାରଣ କରିଥିବା ହେତୁ ସେ ମଧ୍ୟ ଗଙ୍ଗାଧର । ପୁରାକାଳରେ ତାରକାସୁରର ଉତ୍ପାତ ବଢ଼ିଚାଲିଲା । ତାକୁ କେହି ମାରିବା ପାଇଁ ସମର୍ଥ ନଥିଲେ । ଶିବଙ୍କର ପୁତ୍ର ହାତରେ ତାର ମରିବାର ଥିଲା । ଶିବ ଏବଂ ମାତା ପାର୍ବତୀଙ୍କ ପୁତ୍ର କାର୍ତ୍ତିକେୟଙ୍କ ଦ୍ୱାରା ତାରକାସୁରର ଅନ୍ତ ହୋଇଥିଲା । ସେତେବେଳେ ତାଙ୍କୁ ସ୍କନ୍ଦ ନାମରେ ନାମିତ କରାହୋଇଥିଲା । ବିଭୁତି ଯୋଗରେ ଯଥାର୍ଥରେ କୁହାଯାଇଛି ସେନାପତିଙ୍କ ମଧ୍ୟରେ ସ୍କନ୍ଦ, କାରଣ ସେଇ ଯୁଦ୍ଧରେ ଦେବତା ମାନଙ୍କର ସେ ସେନାପତିତ୍ୱ କରିଥିଲେ । ସେ ଯେହେତୁ ମହାଦେବ ଶଙ୍କର ତଥା ମାତା ପାର୍ବତୀଙ୍କ ପୁତ୍ର ଥିଲେ ତାଙ୍କ ଠାରେ ବୈରାଗ୍ୟ ଏବଂ ଶକ୍ତି ମିଶି କରି ଥିଲା ।

କ୍ଷତ୍ରୀୟ କୁଳରେ ଜାତ ମଣିଷ ମାନେ ଶିବଙ୍କର ଗୁଣକୁ **inheret** କିମ୍ବା **acquire** କରିଥାନ୍ତି । ମଣିଷ ମାନଙ୍କର ପ୍ରଧାନ ଶତ୍ରୁ ରାକ୍ଷସ ମାନଙ୍କ ଦମନ ପାଇଁ ଏହି ଗୁଣର ଆବଶ୍ୟକତା ରହିଥାଏ । ଯାହାଫଳରେ ମା ଦୁର୍ଗାଙ୍କର ଆଶୀର୍ବାଦ ଲାଭ କରିହେବ । ରାକ୍ଷସ ମାନେ ଈକ୍ସରରୟସଭଶ ହିସାବରେ ଯ । ହ । ଠ । ୱ ର **Heterozygocity** ଥାଏ ଅର୍ଥାତ ଅସାମଞ୍ଜସ୍ୟ ଲକ୍ଷଣ ଥିବା ବାପା-ମା । ତେଣୁ ସେମାନଙ୍କ ଠାରେ **Power** ସୃଷ୍ଟି ହୋଇପାରେ ନାହିଁ । ରାବଣ ମାତା ସୀତାଙ୍କୁ ଚୋରି କଲା ଭଳିଆ ଏଇ ପ୍ରଜାତିର ଲୋକେ ଅନ୍ୟର **will power** ବା ବ୍ରହ୍ମକୁ ଚୋରି କରିଥାନ୍ତି । ସୁତରାଂ ଯଦି ଜଣଙ୍କ ଠାରେ ରାକ୍ଷସ ପ୍ରକୃତି ସ୍ଥାନ ପାଏ ସେଇଟା ପଦାକୁ ଆସିବା ପୂର୍ବରୁ ନିଜ ଭିତରେ ତାର ସମୂଳ ବିନାଶ କରିଦିଆଯିବା ଅତ୍ୟନ୍ତ ଜରୁରୀ ।

ସୂର୍ଯ୍ୟବଂଶ ଏକ ନିଆରା ବଂଶ । ଏଇ ବଂଶରେ ଜନ୍ମ ହୋଇଥିଲା ବଂଶଧର ମାନେ ସମାଜ କଲ୍ୟାଣରେ ମନୋନିବେଶ କରିଥାନ୍ତି । ସୂର୍ଯ୍ୟ ଯେପରି ତାର ମହାକର୍ଷଣ ଶକ୍ତି ବଳରେ ଗ୍ରହ ମାନଙ୍କୁ ନିଜ ଠାରୁ ଦୂରେଇ ରଖିବା ସହ ନିଜ ଚାରିପଟେ ବୁଲେଇ ଥାନ୍ତି ଏ ବଂଶର ଦାୟାଦ ମାନେ ସେଇ ଗୁଣକୁ **inheret** କରିଥାନ୍ତି । ଏହି ବଂଶରେ ଭଗୀରଥ ସ୍ୱର୍ଗର ଗଙ୍ଗାକୁ ଅନେକ ତପସ୍ୟା କରି ମର୍ତ୍ତ୍ୟରେ ପ୍ଲାବନ କରାଇଥିଲେ । ଯାହାଫଳରେ ତାଙ୍କରି ପୂର୍ବଜ ମାନେ ମୁକ୍ତି ଲାଭ କରିଥିଲେ ।

ସୂର୍ଯ୍ୟଙ୍କୁ ଆମେ ଅନୁସରଣ କରିବା ଉଚିତ । ସୂର୍ଯ୍ୟ ହେଲେ ସକଳ ଶକ୍ତିର ଆଧାର । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ସୂର୍ଯ୍ୟ ଉପାସନା ବଳରେ କୁଷ୍ଠ ରୋଗରୁ ମୁକ୍ତି ଲାଭ କରିଥିଲେ । ସୂର୍ଯ୍ୟଙ୍କର ଗୁଣ ନିଜ ଭିତରେ ରହିଲେ ମଣିଷ ତେଜିୟାନ ହୋଇଥାଏ । ସୂର୍ଯ୍ୟଙ୍କର ସ୍ଥିତି ମଣିଷ ଭିତରେ ଦୁର୍ବଳ ହେଲେ କିମ୍ବା ନରହିଲେ ମଣିଷ ଦୁର୍ବଳ ହୋଇଯାଏ ଏବଂ ଆତ୍ମାର ସ୍ଥିତି ରହେ ନାହିଁ । ମଣିଷର **Degradation** ଆରମ୍ଭ ହୁଏ । ଅମରକୋଷରେ ବର୍ଣ୍ଣିତ ବିଭିନ୍ନ ବର୍ଗ ମଧ୍ୟରୁ ଯେଉଁ ତିନି ବର୍ଗ ମୁଖ୍ୟ ସେଗୁଡ଼ିକ ହେଲା ସ୍ୱର୍ଗ ବର୍ଗ, ଭୂମି ବା ମର୍ତ୍ତ୍ୟ ବର୍ଗ ଏବଂ ପାତାଳ ବର୍ଗ । ଦେବ, ଦାନବ, ଯକ୍ଷ, ରାକ୍ଷସ, ଗନ୍ଧର୍ଭ, କୀନ୍ନର, ଭୁତ ଆଦି ଅନେକ ସଜାତି ଆଦି ସ୍ୱର୍ଗବର୍ଗରେ ବର୍ଣ୍ଣନା କରାଯାଇଛି । ଯେତେ ପର୍ଯ୍ୟନ୍ତ ଦେବତ୍ୱ ଅକ୍ଷତ ଅବସ୍ଥାରେ ଥାଏ ମଣିଷ ଦେବ ତୁଲ୍ୟ ଥାଏ ବା ଦେବତା ରୂପରେ ପରିଗଣିତ ହୋଇଥାଏ ଏବଂ ସେତେବେଳେ ପରିବେଶ ସ୍ୱର୍ଗୀୟ ହିଁ ରହିଥାଏ ।

ସମସ୍ୟା ସେତେବେଳେ ଆସେ ଯେତେବେଳେ ମଣିଷ ଭିତରେ ରାକ୍ଷସ ପ୍ରକୃତ ସ୍ଥାନ ପାଏ ଏବଂ ରାକ୍ଷସ ଭାବ ପ୍ରକାଶ ପାଏ ସେତେବେଳେ ଆମେ ତାଙ୍କୁ ରାକ୍ଷସ ବୋଲି କହୁ । ଏହି ଅବସ୍ଥାରେ ଯଦି ରାକ୍ଷସ ପ୍ରକୃତକୁ ସମ୍ପୂର୍ଣ୍ଣ ଭାବେ ଦମନ କରାନଯାଏ ପରବର୍ତ୍ତୀ ପୀଢ଼ି ରାକ୍ଷସ ଗୁଣକୁ **Inherit** କରି ଜନ୍ମ ନିଅନ୍ତି ଏବଂ ପରବର୍ତ୍ତୀ ପୀଢ଼ି ପକ୍ଷ, କୀନ୍ନର, ଭୂତ ଆଦି ହୋଇ ଜନ୍ମ ନିଅନ୍ତି । ସମାଜରେ ମଣିଷ ମାନଙ୍କର ଅଭାବ ଘଟେ ଏବଂ ମାନବ ଧର୍ମ ଭୁଲୁଣ୍ଠିତ ହୁଏ । ସେତେବେଳେ ଗନ୍ଧର୍ବ ମାନଙ୍କର ଅଭ୍ୟୁଦୟ ଘଟେ । ନେତା ତ ଆଗରୁ ଥାନ୍ତି । ଏବେ ଅଭିନେତା ମାନେ ରାଜତ୍ୱ କରନ୍ତି । ଚନ୍ଦ୍ରବଂଶର ରାଜତ୍ୱ ଆରମ୍ଭ ହୋଇଯାଏ । ପ୍ରତ୍ୟେକଟି କ୍ଷେତ୍ରରେ **Casual** । ପୂର୍ଣ୍ଣିମା ପରେ ଅମାବାସ୍ୟା ଲାଗି ରହେ । କ୍ଷୟ ସମସ୍ୟା ଦେଖାଦିଏ । ଅସୁର, ଦୈତ୍ୟ, ଦାନବଙ୍କର ରାଜତ୍ୱ ଆରମ୍ଭ ହୋଇଯାଏ । ପ୍ରକୃତିର ଅବଲୁଣ୍ଠନ ଦେଖାଦିଏ । ହସ୍ତିନାପୁର ରାଜ ସଭାରେ ଦ୍ରୌପଦୀର ବସ୍ତ୍ରହରଣ କରିବାରେ ମଧ୍ୟ ସେମାନଙ୍କର ବିବେକ ବାଧା ଦିଏ ନାହିଁ ।

ଚନ୍ଦ୍ରଙ୍କୁ ଦେବତା ମାନଙ୍କ ମଧ୍ୟରେ ଗଣାଯାଏ । ଚନ୍ଦ୍ର ବିଷୟରେ ଏକ ଛୋଟିଆ କଥାଟିଏ ମଧ୍ୟ ଆଲୋଚନା କରାଯାଇପାରେ । ବୃହସ୍ପତିଙ୍କ ଠାରେ ଶିକ୍ଷାଗ୍ରହଣ ସମୟରେ ଗୁରୁ ପତ୍ନୀ ଇଲାଙ୍କୁ ନିଜ ପ୍ରେମ ଜାଲରେ ଫସାଇ ତାଙ୍କୁ ଗର୍ଭବତୀ କରାଇଥିଲେ । ଯାହାର ଫଳ ସ୍ୱରୂପ ବୁଧଙ୍କର ଜନ୍ମ ହୋଇଥିଲା ।

ସୁତରାଂ ପୁରାଣ କଥା ଆମ ବାସ୍ତବ ଜୀବନରେ ମଧ୍ୟ ଘଟୁଛି । ଦେବତାଙ୍କର ବାହନ ବିଭିନ୍ନ ପଶୁପକ୍ଷୀ ହୋଇଥାନ୍ତି । ଏହାର ଅର୍ଥ ହେଲା ଯେବେ ଆମ ଭିତରେ ପଶୁତ୍ୱ ଉପରେ କବ୍‌ଜା କରିପାରିବା ତେବେ ଦେବତ୍ୱ ପ୍ରାପ୍ତି ହୋଇପାରିବ ଏବଂ ଦେବତ୍ୱର ପ୍ରକାଶ ଘଟିବ । ପୃଥିବୀ ଉପରେ ଦେବତା ମାନଙ୍କର ରାଜତ୍ୱ ଚାଲି ପାରିବ ଏବଂ ପୃଥିବୀଟି ସ୍ୱର୍ଗରେ ପରିଣତ ହୋଇଯିବ । ସତ୍ୟଯୁଗ ଆସିଯିବ । ମଣିଷମାନେ ମୁନି, ଋଷି ତୁଲ୍ୟ ଜୀବନ ଯାପନ କରିବେ । ନା ରହିବ ମିଛ ନା ଧର୍ମର ଗ୍ଲାନୀ । ସତ୍ୟମେବ ଜୟତେ ।

-୦-

ଅବସରପ୍ରାପ୍ତ ଅତିରିକ୍ତ
କୃଷି ନିର୍ଦ୍ଦେଶକ, ଓଡ଼ିଶା ସରକାର
ମୋ ୦୯୪୩୭୦୦୮୯୧୯

# ଟ୍ରାଭେଲିଂ ଫ୍ୟାଶନ୍

ଟ୍ରାଭେଲିଂ ସମୟରେ ପୋଷାକ ବାଛିବାକୁ ଭାରି ଅଡୁଆରେ ପଡନ୍ତି ଅଧିକାଂଶ ଝିଅ । କାରଣ ସେମାନଙ୍କୁ ଉଭୟ ଷ୍ଟାଇଲିଶ୍ ଏବଂ ଆରାମଦାୟକ ପୋଷାକ ଦରକାର । ଜିନ୍ସ ନା ପଲାଜୋ, ସାର୍ଟ ନା ସର୍ଟ କ'ଣ ପିନ୍ଧିବେ ? ଟ୍ରାଭେଲିଂ ସମୟରେ କେଉଁଭଳି ପୋଷାକ ପିନ୍ଧିଲେ ଆପଣ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ରହିଲା କିଛି ଟିପ୍ସ ।

## ଫ୍ୟାଶନ

**ସର୍ଟ ପ୍ୟାଣ୍ଟ :**

ଯଦି ରୋଡ୍ ଟ୍ରିପ୍‌ର ପ୍ଲାନ୍ କରୁଛନ୍ତି, ଏଥିପାଇଁ ସର୍ଟ ପ୍ୟାଣ୍ଟ ଭଲ ହେବ । ସର୍ଟସ୍ ସହିତ ଛୋଟ ସ୍ଲିଭ୍ ଟି ସାର୍ଟ ପିନ୍ଧିପାରିବେ । ସ୍ୟାଣ୍ଡେଲ ଜାଗାରେ କାନଭାସ୍ ଜୋତା କ୍ୟାରି କଲେ ପାଦକୁ ଆରାମ ଲାଗବା ସହିତ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।



**ଲଙ୍ଗ୍ ସ୍କର୍ଟ :**



ରେଳ ଯାତ୍ରା ଅଧିକ ଏବଂ ଭିଡ଼ ରହିଥାଏ । ତେଣୁ ରେଳ ଯାତ୍ରା ସମୟରେ ସାଲୱାର କମିଜ ଏବଂ ଲଙ୍ଗ୍ ସ୍କର୍ଟ ସବୁଠୁ ଭଲ ଅପସନ୍ । ହାଇହିଲ୍ ପରିବର୍ତ୍ତେ ଫ୍ଲାଟ୍ ସ୍ୟାଣ୍ଡେଲ୍ ପିନ୍ଧନ୍ତୁ । ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ସ୍ଥାନରେ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଏଥିରେ ଟଙ୍କା, ସାନିଟାଇଜର ଏବଂ ନିଜର ମେକଅପ୍ ସାମଗ୍ରୀ ରଖିପାରିବେ ।

**ଜିନ୍ସ ସହିତ ସ୍ୱେଟସାର୍ଟ :**

ଆପଣଙ୍କ ଯାତ୍ରା ଅଧିକ ଲମ୍ବା । ଏଥିପାଇଁ ଆପଣଙ୍କୁ ବାଟରେ ରହି ରହି ଯିବାକୁ ପଡିବ । ହେଲେ କେଉଁ ଭଳି ପୋଷାକ ପିନ୍ଧିବେ ଜାଣି ପାରୁନାହାନ୍ତି । ଏଥିପାଇଁ ଜିନ୍ସ ସହିତ ଲଙ୍ଗ୍ ଟିସାର୍ଟ ସ୍ୱେଟସାର୍ଟ ପିନ୍ଧିପାରିବେ । ଆରାମ ଲାଗିବ । ହାଲୁକା ମେକଅପ୍ ନିଅନ୍ତୁ ଏବଂ ଅଧିକ ଓଜନର ଜୁଏଲାରୀକୁ ନା କରନ୍ତୁ । ହାତରେ ମେଟାଲ ଘଣ୍ଟା ପରିବର୍ତ୍ତେ ଲେଦର ଘଣ୍ଟା ପିନ୍ଧନ୍ତୁ । ଶୋଇବାରେ ଅସହଜ ଅନୁଭବ ହେବନି ।

**ଋତୁ ହିସାବରେ ଆଉଟଫିଟ୍ :**

ଗୋଟିଏ ସହରରୁ ଅନ୍ୟ ସହରକୁ ଯାତ୍ରା କରୁଛନ୍ତି । ସହରର ତାପମାତ୍ରା ଅଧିକ ଥାଇପାରେ ନହେଲେ କମ୍ । ଏମିତିରେ ଲେୟର ଆଉଟଫିଟ୍ ବେଷ୍ଟ ରହିଥାଏ । ଋତୁ ଯେମିତି ରହୁ ନା କାହିଁକି ଆପଣଙ୍କୁ କିଛି ଫରକ ପଡିବନି । ଏମିତି ଟ୍ରିପ୍ କରୁଥିଲେ ଜିନ୍ସ ପରିବର୍ତ୍ତେ ଖଦି ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ । ପ୍ଲେନ୍ ଟିସାର୍ଟ ଉପରେ ପ୍ରିଣ୍ଟେଡ୍ ଜ୍ୟାକେଟ୍ ଏତିକିରେ ପାଇପାରିବେ ଷ୍ଟାଇଲିଶ୍ ଲୁକ୍ । ଏହା ସହିତ କାନଭାସ୍ ସୁଜ୍ କିମ୍ବା କୁର୍ତି ଟିମ୍‌ଅପ୍ କରନ୍ତୁ । ହଁ, ଆପଣଙ୍କ ମନପସନ୍ଦର ସନଗ୍ଲାସ୍ ପିନ୍ଧିବା ଭୁଲନ୍ତୁ ନାହିଁ ।


**ଯାତ୍ରା ପସନନ୍ଦ ନଥିଲେ :**



ଆପଣଙ୍କୁ ଟ୍ରାଭେଲ କରିବା ପସନ୍ଦ ନୁହେଁ । କିନ୍ତୁ ସବୁବେଳେ ଗାଡ଼ିରେ ଅପଡାଉନ୍ କରିବାକୁ ପଡିଥାଏ । ଏଥିପାଇଁ ଜିନ୍ସ ଟିସାର୍ଟ ନୁହଁ ବରଂ କଟନର ୱାନ୍‌ପିସ୍ ଡ୍ରେସ୍ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଲାଗିବେ । ନହେଲେ ପାଲାଜୋ ସହିତ କୁର୍ତ୍ତି ଟିମ୍‌ଅପ୍ କରନ୍ତୁ । ଯାତ୍ରା ଆରାମଦାୟକ ରହିବ ।

# ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ୍ୟ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।








## ରାଜଘାଟ

ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।

## ଗାନ୍ଧୀ ସଂଗ୍ରହାଳୟ






ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି ।

# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଷ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ୍ୟ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# ଉପକାରୀ ପତ୍ର

ପତ୍ର ଯେ କେବଳ ଗାଈ-ଗୋରୁଙ୍କ ତୃଣଭୋଜୀଙ୍କ ନିମନ୍ତେ ଉଦ୍ଦିଷ୍ଟ, ତାହା ନୁହେଁ । ମଣିଷ ମଧ୍ୟ କେତେକ ରୋଗ କବଳରୁ ବର୍ତ୍ତିବା ଲାଗି ବିଧି ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ ପତ୍ର ଭକ୍ଷଣ କରିବା ଉଚିତ । ମହାଦେବ, ପାର୍ବତୀଙ୍କୁ ଏଭଳି ଉପଦେଶ ଦେଇଥିବା ପ୍ରାଚୀନ ଶାସ୍ତ୍ରାଦିରେ ବର୍ଣ୍ଣିତ । ମାର୍ଗଶିରରେ ଧନିଆ ପତ୍ର, ପୌଷରେ କାଇଞ୍ଚ ପତ୍ର, ମାଘରେ କଲରା ପତ୍ର, ଫଗୁଣରେ କଳମ ଶାଗ, ଚୈତ୍ରରେ ନିମ୍ବ ପତ୍ର, ବୈଶାଖରେ ସୁନୁସୁନିଆ ଶାଗ, ଜ୍ୟେଷ୍ଠରେ ବେଲ ପତ୍ର, ଆଷାଢ଼ରେ ବରଡା ପତ୍ର, ଶ୍ରାବଣରେ କୁସୁମ ପତ୍ର, ଭାଦ୍ରବକରେ ନୀଳ କଇଁ ପତ୍ର, ଆଶ୍ୱିନରେ ତାଳମୂଳୀ ପତ୍ର ଏବଂ କାର୍ତ୍ତିକ ମାସରେ ଅଗସ୍ତି ପତ୍ର ଖାଇଲେ ଚର୍ମ ରୋଗ ହୁଏନାହିଁ । ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୁଏ; ଦନ୍ତ ଓ ମାଢ଼ି ଶକ୍ତ ହୁଏ; କେଶ ପାଚେନାହିଁ; ସର୍ବୋପରି ଭୂତାଣୁ ଜନିତ ଜ୍ୱର ସହଜରେ ଆକ୍ରମଣ କରିପାରେ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶକ୍ତିଶାଳୀ ଭୂକମ୍ପ...

ତୁର୍କୀରେ ଶକ୍ତିଶାଳୀ ଭୂକମ୍ପ ହୋଇ ହଜାର ହଜାର ସଂଖ୍ୟାରେ ଜନଜୀବନ ହାନି ଘଟିଛି । ବଡ଼ କୋଠାଘର ଭୂକମ୍ପର ଘନଘନ ଝଟ୍‌କାରେ ମାଟିରେ ମାଟିରେ ମିଶିଯାଇଛି । ମାତ୍ର ଚବିଶି ଘଣ୍ଟାରେ ତିନିଥର ବଡ଼ ଭୂକମ୍ପ ଘଟିଛି । ମୃତାହତରେ ଡାକ୍ତରଖାନା ଏବଂ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଭର୍ତ୍ତି ହୋଇଗଲାଣି । ମୃତ୍ୟୁସଂଖ୍ୟା କେତେ ଅଧିକ ହେବ, ତାହା କୁହାଯାଇ ପାରୁନାହିଁ । ଭୂକମ୍ପର ନାଭିକେନ୍ଦ୍ର ଦକ୍ଷିଣ ତୁରସ୍କିରେ ଚିହ୍ନଟ ହୋଇଛି । ତୁର୍କୀକୁ ଲାଗିଥିବା ସିରିଆ, ଲେବାନନ ଓ ଇସ୍ରାଏଲ ତଥା ଅନ୍ୟ ଦେଶରେ ମଧ ଭୂକମ୍ପର ଝଟ୍‌କା ଲାଗିଛି। କୁହାଯାଉଛି କି, ବିଗତ ଶହେବର୍ଷରେ ଏଭଳି ଅତି ଭୟଙ୍କର ଭୂକମ୍ପ କେବେ ହୋଇନଥିଲା । ଭାରତ ସମେତ ବିଭିନ୍ନ ଦେଶ ପକ୍ଷରୁ ଉଦ୍ଧାର ଓ ସହାୟତାର ହାତ ତୁର୍କୀକୁ ବଢ଼ାଇ ଦିଆଯାଉଛି । ଇସ୍ରାଏଲ ଓ ଅନ୍ୟ ଦେଶମାନେ ତୁର୍କୀର ଭୂକମ୍ପ ପ୍ରପୀଡ଼ିତଙ୍କୁ କିଭଳି ସାହାଯ୍ୟ ଯୋଗାଇ ଦିଆଯାଇପାରିବ, ତାହା ନିର୍ଣ୍ଣୟ କରାଯାଉଛି । ଏନ୍‌ଡିଆର୍‌ଏଫ୍ ଭଳି ଉଦ୍ଧାର ଓ ସହାୟତାରେ କୁଶଳୀ ସଂଗଠନକୁ ନିୟୋଜିତ କରାଯିବା ଦିଗରେ ଭାରତ ଆଗଭର ହୋଇଛି । ଦେଶ ବିଦେଶରୁ ଶୁଖିଲା ଖାଦ୍ୟ ପୁଡ଼ିଆ, କମ୍ବଳ ଓ ବିଭିନ୍ନ ସାମଗ୍ରୀର ସୁଅ ଛୁଟିବାରେ ଲାଗିଛି । ତୁର୍କୀରେ ଭୂକମ୍ପ ଅଭିଜ୍ଞତା କିଛି ନୂଆ ନୁହେଁ । ସମୟ ବ୍ୟବଧାନରେ ଭୂକମ୍ପ ହୋଇଛି ଓ ଧନଜୀବନ ହାନି ଘଟିଛି । କିନ୍ତୁ ଏଥର ଯେଉଁଭଳି ଶକ୍ତିଶାଳୀ ଭୂକମ୍ପ ଘଟିଲା, ତାହା ଅଭୂତପୂର୍ବ । କ୍ରମାଗତ ଦୁଇ ତିନିଥର ୭.୮ ଓ ୬.୫ ରେକର୍ଡ କରାଯାଇଥିବା ତୀବ୍ରତା ସୂଚାଉଛି କି, ଭୂକମ୍ପର ଭୟାବହତା କିଭଳି ଭୟଙ୍କର ଓ ଶକ୍ତିଶାଳୀ । ଏହି ଭୟଙ୍କର ସଂକଟପୂର୍ଣ୍ଣ ମୁହୂର୍ତ୍ତରେ ତୁର୍କୀ ସହିତ ସବୁ ଦେଶ ଛିଡ଼ାହେବାର ଆବଶ୍ୟକତା ରହିଥିବା ବିଶ୍ୱବାସୀ ଅନୁଭବ କରିଛନ୍ତି । ରୁଷ ସହ ସମ୍ପ୍ରତି ସଂଘର୍ଷରତ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ମଧ ଭୂକମ୍ପ ତୁର୍କୀବାସୁଙ୍କୁ ଯଥାସାଧ ସହାୟତା ଯୋଗାଇଦେବା ପାଇଁ ପ୍ରସ୍ତାବ ରଖିଛନ୍ତି । ଏହା ସୂଚାଉଛି କି, ମାନବୀୟ ସହାୟତା କ୍ଷେତ୍ରରେ ବିପର୍ଯ୍ୟସ୍ତଙ୍କ ପାଇଁ କେହି ପଛାଇନାହାନ୍ତି । ତୁର୍କୀରେ ଭୂକମ୍ପଜନିତ ଅସୁମାରୀ କ୍ଷତି ହୋଇଛି । ବଡ଼ ବଡ଼ କୋଠାଘର ଧ୍ୱଂସ ପାଇଯାଇଛି । ମାଟିରେ ମିଶିଯାଇଛି ଶହଶହ ଘର ଓ ପ୍ରତିଷ୍ଠାନ । ତାସ୍‌ଘର ଭଳି ଭୁଶୁଡ଼ି ଯାଇଚି ଅନେକ କୋଠାଘର । ଏହା ଭିତରେ ସମଗ୍ର ତୁର୍କୀ ଜରୁରୀକାଳିନ ସ୍ଥିତି ଜାରି କରାଯାଇଛି । ସଂସଦର ବୈଠକକୁ ଅନ୍ୟାଦେଶ ପର୍ଯ୍ୟନ୍ତ ମୁଲତବି ରଖାଯାଇଛି । ତମାମ ଦେଶ କିଭଳି ମହାସଂକଟର ମୁକାବିଲା କରିବ, ତାହା ମୁଖ୍ୟ ଅଗ୍ରପ୍ରଧାନ ପ୍ରଶ୍ନ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ କେତେବେଳେ କିଭଳି ଆସିବ, ତାହା କାହାରିକୁ ଜଣାନଥାଏ । ଖାସ୍ କରି ଭୂକମ୍ପ ନେଇ ଅଗ୍ରିମ ସୂଚନା କୌଣସି ବିଜ୍ଞାନରେ ନାହିଁ । ଏପରିକି ଏକ ସମୟରେ ସୋଭିଏତ ରାଷ୍ଟ୍ରସଂଘରେ ଶକ୍ତିଶାଳୀ ଭୂକମ୍ପ ହୋଇ ଧନଜୀବନ ହାନି ହୋଇଥିଲା । ସେ ସମୟରେ ଭୂବିଜ୍ଞାନୀମାନେ ଭୂକମ୍ପ ନେଇ ଲେଶମାତ୍ର ଅଗ୍ରିମ ସୂଚନା ଦେବା ଅସମ୍ଭବ ବୋଲି କୁହାଯାଉଥିଲା । ତାହା ଆଜିର ଦିନରେ ମଧ ବାସ୍ତବ । ବିଜ୍ଞାନୀମାନେ ଏବେସୁଦ୍ଧା ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛନ୍ତି । ହୁଏତ ଆଗାମୀ ଦିନରେ ଭୂକମ୍ପ ନେଇ ଅଗ୍ରିମ ସୂଚନା ମିଳିଯିବ । ବିଗତ ଦିନରେ ତୁର୍କୀରେ ଏହାଠାରୁ ବଳି ଶକ୍ତିଶାଳୀ ତଥା ଭୟଙ୍କର ଭୂକମ୍ପ ହୋଇ ହଜାର ହଜାର ଲୋକଙ୍କର ଜୀବନ୍ତ ସମାଧି ଘଟିଛି । ତୁର୍କୀ ଏବେ ବିଷମ ଆର୍ଥିକ ସଙ୍କଟ ଭିତରେ ଦେଇ ଗତି କରୁଥିବାବେଳେ ଭୂକମ୍ପ ଝଟ୍‌କା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି । ରାଷ୍ଟ୍ରପତି କିଭଳି ଏହାର ମୁକାବିଲା କରିବାକୁ ସମର୍ଥ ହେବେ ତାହା ଚିନ୍ତାର ବିଷୟ ହୋଇଛି । ତୁର୍କୀ ଓ ସିରିଆରେ ଯେଉଁ ଭୂକମ୍ପ ହୋଇଛି, ତାହା ସର୍ବକାଳୀନ କ୍ଷତି ଘଟାଇଛି । ନିଜେ ଆମେରିକା ରାଷ୍ଟ୍ରପତି ଜୋ’ ବାଇଡେନ୍ ଏଥିପାଇଁ ଗଭୀର ମର୍ମବେଦନା ପ୍ରକାଶ କରିଛନ୍ତି । ଯେତେ ସମ୍ଭବ ସହାୟତା ରାଶି ଭୂକମ୍ପନ ଯୋଗାଇଦେବାର ପ୍ରତିଶ୍ରୁତି ମଧ ଦେଇଛନ୍ତି ବାଇଡେନ୍ । ଘନଘନ ଭୂକମ୍ପନ ଓ ପରବର୍ତ୍ତୀ ଝଟ୍‌କାଜନିତ ଭୟାବହ ପରିଣତି ଏତେଶୀଘ୍ର ତୁର୍କୀକୁ ଲିଭିଯିବା ସମ୍ଭାବନା ନାହିଁ । ଧ୍ୱଂସସ୍ତୂପରୁ ଏତେଶୀଘ୍ର ଉଠି ତୁର୍କୀର ପୁନଃନିର୍ମାଣ ଖୁବ୍‌ଶୀଘ୍ର ସମ୍ଭବ ବୋଲି ଦେଖାଯାଉନାହିଁ । ତୁର୍କୀ ଭଳି ପର୍ତ୍ତୁଗାଲ, ଜାପାନରେ ଲଗାତାର ଭୂକମ୍ପ ଅନୁଭୂତ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି । ଦୂରଗାମୀ ସଂକଟର ଆଶଙ୍କା ଅଭିଜ୍ଞତା ଆଧାରରେ ଜାପାନରେ ଫାଇବର କିମ୍ବା ହାଲୁକା ପଟାରେ ଗୃହ ନିର୍ମାଣର ପରୀକ୍ଷା ବହୁଦିନରୁ ଚାଲିଆସିଥବାର ଦେଖାଯାଇଛି । ଏହି ପରୀକ୍ଷା ତାତ୍କାଳୀନ ସମସ୍ୟାକୁ ଟାଳିବାର ପ୍ରୟାସ ବୋଲି କହିହେବ । କିନ୍ତୁ ତାହା ଦୀର୍ଘକାଳୀନ ସମର୍ଥନଯୋଗ୍ୟ ପଦକ୍ଷେପ ଭାବେ ନିଆଯିବା ସମ୍ଭବ ହୋଇନପାରେ । ଆଜି ତୁର୍କୀରେ ଯେଉଁ ବିପର୍ଯ୍ୟୟ ଘଟିଛି, ତାହା ଅନ୍ୟ ଦେଶରେ ନହେବ, କେହି କହିନପାରନ୍ତି । ଆଉ ଉତ୍ତରାଖଣ୍ଡରେ ଭୂସ୍ଖଳର ଆଶଙ୍କା ଦେଖାଦେଲାଣି । ଜୋଶୀମଠରୁ ବହୁ ହୋଟେଲ ପର୍ଯ୍ୟଟନବିହୀନ ହେଲାଣି । ସେହି ପୁଣ୍ୟସ୍ଥଳରେ ଭୂକମ୍ପର ଝଟ୍‌କା ନଘଟିବ, କିଏ କହିବ ? ତୁର୍କୀ ଭଳି ମହାସଂକଟକୁ ଟାଳିବା ଲାଗି କେଉଁ ଉପାୟ କିଭଳି ଆପଣାଯିବ, ତାହା ବହୁ କୋଟି ଡଲାରର ପ୍ରଶ୍ନ ।

# ଭାରତୋଦୟକୁ ବିରୋଧ



ସୌମେନ୍ଦ୍ର ଜେନା

ଗତ କିଛିଦିନ ହେବ ବିଦେଶରୁ ଅଧିକରୁ ଅଧିକ ପ୍ରଚ୍ଛର ଭାରତକୁ କେନ୍ଦ୍ର କରି ହେବାରେ ଲାଗିଛି । ପ୍ରଥମେ ବ୍ରିଟେନରୁ ପ୍ରଚ୍ଛର ଆରମ୍ଭ ହୋଇ ଏବେ ତାହା ଆମେରିକାରେ ପହଞ୍ଚିଛି । ବ୍ରିଟେନ- ଆମେରିକାର ଲୋକେ ଅତୀତରେ ଭାରତକୁ ସାପୁଆ କେଳାମାନଙ୍କ ଦେଶ କହୁଥିଲେ । ଭାରତର ସଂଖ୍ୟାଧିକ ଜନସଂଖ୍ୟା ସେମାନଙ୍କ ଖାଦ୍ୟ ଖାଇଯିବେ ବୋଲି ଆଶଙ୍କା ପ୍ରକାଶ କରୁଥିଲେ । ଭାରତୀୟ ଲୋକେ ସେମାନଙ୍କ ପାଇଁ ଅତୀତରେ ଯେମିତି ଘୃଣାର ପାତ୍ର ଥିଲେ ଆଜି ମଧ ସେହି ମାନସିକତାରେ ବହୁତ କିଛି ପରିବର୍ତ୍ତନ ଆସିଛି ବୋଲି କହିହେବ ନାହିଁ । ଗୋରାମାନଙ୍କର ଚମଡାକୁ ନେଇ ମନରେ ଯେମିତି ଗର୍ବ ରହିଆସିଛି ସେମିତି ବୌଦ୍ଧିକତାକୁ କେନ୍ଦ୍ର କରି ମିଛ ଅହଂକାର ଘେରି ରହିଛି । ନିଜକୁ ସୁରକ୍ଷିତ ରଖିବାକୁ ଏହିସବୁ ଲୋକେ ଅନ୍ୟମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଲାଗିପଡିଛନ୍ତି । ସେମିତି ବିବିସିର ବିଶ୍ୱରେ ଆପଣାର ପ୍ରତିଷ୍ଠା ଖୋଜୁଥିବା ଲୋକେ ମଧ ଭାରତରେ କିଛି କମ୍ ନାହାନ୍ତି । ଏବେ ବିଦେଶରୁ ଭାରତବିରୋଧୀ ପ୍ରଚ୍ଛର ଚଳାଇବା ପାଇଁ ଚୀନର ଜିନପିଙ୍ଗ ବାହିନୀ ପ୍ରବଳ ଶକ୍ତି ଓ ଅର୍ଥ ଖଟାଇବାରେ ବ୍ୟସ୍ତ । କୋରୋନା ପର ପୃଥିବୀରେ ଚୀନର ସଂପର୍କ ସଂକୁଚିତ ହେଉଥିବାରୁ ସେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଏବେ ଭାରତକୁ ନେଇଛି । ସୀମାରେ ସେନାକୁ ଠୁଳକରି ବସାଇବା ପରେ କୌଣସି ଲାଭ ଦେଖିନପାରି ଚୀନ ଏବେ ବିଦେଶରେ ଭିନ୍ନଭିନ୍ନ ନେତା, ଅନୁଷ୍ଠାନଗୁଡିକର ମାଧ୍ୟମରେ ଭାରତ ବିରୋଧୀ ପ୍ରଚ୍ଛର କରୁଛି ।

ଗତ କିଛିଦିନ ତଳେ ମାଳଦ୍ୱୀପରେ ‘ଇଣ୍ଡିଆ ଗେଟ ଆଉଟ୍’ ଅଭିଯାନ ଚ୍ଛଲୁ ରଖିବାକୁ ସେଠାକାର ପୂର୍ବତନ ରାଷ୍ଟ୍ରପତି ୟାମିନ ବାହିନୀକୁ ଚୀନପକ୍ଷରୁ ସମସ୍ତ ପ୍ରକାର ଅର୍ଥ ପ୍ରଦାନ କରାଯାଇଥିଲା । ଫଳରେ ଭାରତର ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣଠାରୁ ଆରମ୍ଭ କରି ସଡକରେ ପ୍ରଚ୍ଛର ଆରମ୍ଭ ହେବା ଦେଖା ଯାଇଥିଲା । ଶ୍ରୀଲଙ୍କାରେ ଭାରତର ପ୍ରଭୁତ୍ୱ ହ୍ରାସ କରିବାକୁ ଚୀନ ସରକାର ସେଠାକାର ସରକାରଙ୍କ ଉପରେ ଚ୍ଛପ ପ୍ରୟୋଗ କଲେ । କଲମ୍ବୋସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟର ବାରମ୍ବାର ଭାରତ ବିରୋଧୀ ବକ୍ତବ୍ୟମାନ ଗଣମାଧ୍ୟମକୁ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଲା । ନେପାଳରେ କମ୍ୟୁନିଷ୍ଟ ସରକାର ଶାସନକୁ ଫେରିବା ପରେ ସେ ପ୍ରକାର ଉଦ୍ୟମ ଏବେ ଆରମ୍ଭ ହେବା ଦେଖାଯାଉଛି । ବଙ୍ଗଳାଦେଶରେ ମଧ ଚୀନ ସରକାର ଭାରତଠାରୁ ସହଯୋଗ ଗ୍ରହଣ ନକରି ଚୀନର ଋଣ ନେବାକୁ ଶେଖ ହାସିନାଙ୍କ ସରକାର ଉପରେ ଚ୍ଛପ ପ୍ରୟୋଗ କରାଯିବା ସହ ପରୋକ୍ଷରେ ଧମକ ଦେଇଥିଲେ । ନିକଟରେ ପାକ୍ ବିରୋଧୀ ହୋଇଉଠିଥିବା କାବୁଲର ସନ୍ତ୍ରାସୀ ସରକାର ସହ ଖଣି ଉତ୍‌ଖନନ ବୁଝାମଣା କରି ସେଠାକାର ସରକାରଙ୍କୁ ଭାରତ ବିରୋଧରେ ପ୍ରୟୋଗ କରିବାକୁ ଚୀନ ପକ୍ଷରୁ ଉଦ୍ୟମ ଜାରି ରହିଛି । କେବଳ ସେତିକି ନୁହେଁ, ଇରାନରେ ଯେଉଁ ଚ୍ଛବହର ବନ୍ଦରକୁ ବିକଶିତ କରିବାରେ ଭାରତ ଅର୍ଥ ବିନିଯୋଗ କରିଛି ସେହି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ଲାଗି ଇରାନ ସରକାରଙ୍କୁ ଚୀନ ଲୋଭ ଦେଖାଉଛି ।

ଶ୍ରୀଲଙ୍କାର ବନ୍ଦରଠାରୁ ଇସ୍ରାଏଲର ବନ୍ଦରକୁ ହାତକୁ ନେବାରେ ସଂପ୍ରତି ଆଦାନୀ ସମୂହ ଚୀନା କମ୍ପାନୀର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଏବଂ ୨୦୩୦ ସୁଦ୍ଧା ପୃଥିବୀର ୧୦୦ ବନ୍ଦର ହାତକୁ ନେବାପାଇଁ ଆଦାନୀ ଗୋଷ୍ଠୀ ପୂର୍ବରୁ ଘୋଷଣା କରିସାରିଥିବାରୁ ଏହା ଚୀନା ବନ୍ଦର କମ୍ପାନୀଗୁଡିକ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହୋଇଛି । ଯଦି ଆଦାନୀ ବିଦେଶରେ ୧୦୦ ବନ୍ଦର ହାତକୁ ନେବାକୁ ସମର୍ଥ ହୁଅନ୍ତି ତେବେ ସେ ସବୁ ଅଧିକତଃ ଚୀନାଙ୍କ ହାତରୁ ଖସିବାର ଆଶଙ୍କା କରାଯାଉଛି । ତେଣୁ ବ୍ରିଟେନର ପାର୍ଲିଆମେଣ୍ଟ ଭିତରେ ପାକିସ୍ତାନୀ ମୂଳର ମୁସଲିମ ସାଂସଦଙ୍କ ମୁହଁରେ ଭାରତ ବିରୋଧୀ ବକ୍ତବ୍ୟ ହେଉ ଅଥବା ବ୍ରିଟେନ ସରକାରଙ୍କ ଅର୍ଥରେ ଚ୍ଛଳୁଥିବା ବିବିସିପରି ଗଣମାଧ୍ୟମ ସଂସ୍ଥା ପକ୍ଷରୁ ୨୦୦୨ର ଗୁଜରାଟ ଦଙ୍ଗା ବିଷୟକୁ ପ୍ରଚ୍ଛର କରାଯାଇ ମୋଦୀ ଏବଂ ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଇଛି । ଏସବୁ ସତ୍ତ୍ୱେ ମର୍ଣ୍ଣ କନ୍‌ସଲଟ ପକ୍ଷରୁ ପ୍ରକାଶିତ ବିଶ୍ୱ ନେତୃବୃନ୍ଦଙ୍କ ଲୋକପ୍ରିୟତାରେ ଏବେ ମଧ ନରେନ୍ଦ୍ର ମୋଦି ୭୮% ଜନସମର୍ଥନରେ ପ୍ରଥମ ସ୍ଥାନରେ ରହିଛନ୍ତି । ତାଙ୍କ ପଛକୁ ମେକ୍ସିକୋ ୬୮, ସ୍ୱିଜରଲାଣ୍ଡ ୬୨, ଅଷ୍ଟ୍ରେଲିଆ ୫୮, ଇଟାଲୀ ୫୨, ବ୍ରାଜିଲର ନେତା ୫୦ ପ୍ରତିଶତ ଜନ ସମର୍ଥନ ପାଇଛନ୍ତି । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୪୦ ପ୍ରତିଶତ ସମର୍ଥନ ପାଇ ଅନେକ ପଛରେ ରହିଛନ୍ତି। ବିବିସି ସଂସ୍ଥାରେ ଚୀନର ବହୁ ଅର୍ଥନିବେଶ ହୋଇଥିଲା ବେଳେ ଅନେକ ଟୋପିବାଜ ରହିଛନ୍ତି । ପାକ୍ ସମର୍ଥକ ଏହି ଟୋପିବାଜ ଗୋଷ୍ଠୀ ହିଁ ୨୦୨୪ ପୂର୍ବରୁ ପୁଣିଥରେ ଲାଗି ପଡିଛନ୍ତି ଭାରତର ରାଜନୀତିକୁ ପ୍ରଭାବିତ କରିବାକୁ। କିଛି ଟୋପିବାଜ ଖାଲିସ୍ତାନୀ ପଗଡିବାଜ୍‌ଙ୍କ ସହ ସାମିଲ ହୋଇ କାନାଡା, ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଆଦି ଦେଶରେ ହିନ୍ଦୁମନ୍ଦିର ଉପରେ ଆକ୍ରମଣ କରିବା, ଖାଲିସ୍ତାନୀଙ୍କ ସପକ୍ଷରେ ବିକ୍ଷୋଭରେ ସାମିଲ ହେବା, ହିନ୍ଦୁ ବିରୋଧୀ ଏବଂ ଖାଲିସ୍ତାନୀ ସମର୍ଥନରେ ମନ୍ଦିର କାନ୍ଥରେ ଲେଖିବା ପରି କୁକର୍ମରେ ସାମିଲ ଥିବା ଦୃଷ୍ଟିଗୋଚର ହୋଇଛି । ପାକ୍‌ର ନିଶା ଏବଂ ବ୍ରିଟେନ -କାନାଡାର ପଇସାରେ ଏହି କ୍ରିପ୍‌ଟୋ ପଗଡିବାଜ୍ ଗୋଷ୍ଠୀ ସଂଖ୍ୟାଧିକ ଧଳାପଙ୍ଗପାଳ ଗୋଷ୍ଠୀ ପଞ୍ଜାବରେ ସୃଷ୍ଟି ପାଇଁ ସହାୟକ ହେଉଛନ୍ତି । ଭାଷଣରେ ଦେଶବିରୋଧୀ ଉର୍ଜା ଏବଂ ମନରେ ଗୀର୍ଜାକୁ ଧରି ଏମାନେ ଚ୍ଛଲିଛନ୍ତି ।

କଥା ହେଉଛି ବିଶ୍ୱ ମୁଦ୍ରା ପାଣ୍ଠିର (ଆଇଏମ୍‌ଏଫ) ରିପୋର୍ଟରେ ୨୦୨୩-୨୪ରେ ଭାରତ ୬.୧ପ୍ରତିଶତ ଅଭିବୃଦ୍ଧି ଦର ସହ ପୃଥିବୀରେ ପ୍ରଥମ ସ୍ଥାନରେ ରହିବ । ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ର ତାଲିକାରେ ଆମେରିକା, ରୁଷିଆ ପଛକୁ ଏବେ ଭାରତର ନାମ ଆସିଛି । ଜି ୨୦ ବୈଠକ ଭାରତରେ ଆରମ୍ଭ ହୋଇସାରିଲାଣି । ମାନ୍ଦାବସ୍ଥାରେ ମଧ ଭାରତର ବଜେଟରେ ପଡୋଶୀ ଓ ସହଯୋଗୀ ରାଷ୍ଟ୍ରମାନଙ୍କୁ ୨୦୨୩ରେ ବିପୁଳ ସହାୟତା ଘୋଷଣା ହୋଇଛି । ପ୍ରତିରକ୍ଷା ବଜେଟ୍ ଗତବର୍ଷ ତୁଳନାରେ ବୃଦ୍ଧିକରି ଭାରତ ସକ୍ଷମ ଓ ଆତ୍ମନିର୍ଭର ହେବା ଦିଗରେ ଗତି କରୁଛି । କୋରୋନା ସମୟରୁ ଲଗାତାର କ୍ଷେପଣାସ୍ତ୍ର ପରୀକ୍ଷା ଜାରିରଖି ଭାରତ ପ୍ରତିରକ୍ଷାରେ ଶକ୍ତିବୃଦ୍ଧି କରୁଛି । ଏହିସବୁ ବିକାଶର ଧାରା ଭାରତ ବାହାରେ ଏବଂ ଭାରତ ଭିତରେ ଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କ ପାଇଁ ଆଦୌ ଦେହରେ ଯାଉନାହିଁ । ତେଣୁ ହିଣ୍ଡେନବର୍ଗର ହିଡେନ ଏଜେଣ୍ଡା ଆରମ୍ଭ ହୋଇଯାଇଛି । କୁହାଯାଇଛି ଯେ ପୂର୍ବରୁ ବ୍ୟାଙ୍କ ଅଫ୍ ଥାଇଲାଣ୍ଡ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଉପରେ ଏଭଳି ମିଛ ପ୍ରଚ୍ଛର ଅଭିଯାନ ଅତୀତରେ ଭାରତ ବିରୋଧୀ ଜର୍ଜ ସୋରୋସ କରିଥିଲା । ୨୫ଜାନୁଆରୀ ୨୦୨୩ରେ ଆମ ଦୃଷ୍ଟିକୁ ଆସିଥିବା ହିଣ୍ଡେନବର୍ଗ ରିପୋର୍ଟ ପୂର୍ବରୁ ୨୦୧୬-୧୭ରେ ଅଷ୍ଟ୍ରେଲିଆରେ ଆଦାନୀଙ୍କ ବିରୋଧରେ ସମାନ ଢଙ୍ଗରେ ଅଭିଯାନ ଆରମ୍ଭ ହୋଇଥିଲା । ବବ୍ ବ୍ରାଉନ୍ ଫାଉଣ୍ଡେସନ (ବିବିଏଫ୍) ନାମକ ଏକ ଏନ୍‌ଜିଓ ଉକ୍ତ ପ୍ରଚ୍ଛରର ନେତୃତ୍ୱ ନେଇଥିଲା ।

୨୦୧୦ରେ ଅଷ୍ଟ୍ରେଲିଆର କାର୍ମାଇକେଲ କୋଇଲା ଖଣିକୁ ଆଦାନୀ ଗ୍ରୁପ ହାତକୁ ନେଇଥିଲା । ୨୦୧୭ରେ ଆଦାନୀ ଗ୍ରୁପକୁ ପ୍ରକଳ୍ପରୁ ଅଲଗା କରିବା ପାଇଁ ୩୫୦ ଡଟ୍ ଓଆର୍‌ଜି ନାମକ ଏନ୍‌ଜିଓ ନେତୃତ୍ୱରେ କେତେକ ଏନ୍‌ଜିଓ ସାମିଲ ହେଲେ । ଏହି ସଂସ୍ଥା ସାନ୍‌ଫ୍ରାନସିସ୍‌କୋର ଟାଇଡ୍ ଫାଉଣ୍ଡେସନଠାରୁ ଅନୁଦାନ ଲାଭ କରିଥାଏ । ଭାରତ ବିରୋଧୀ ଜର୍ଜ ସୋରୋସ୍ ଏବଂ ଟମ୍ ଷ୍ଟେୟର ମଧ ଏହି ଗୋଷ୍ଠୀଙ୍କୁ ସହାୟତା ଦେଇଥାନ୍ତି । ଟାଇଡ୍ ଫାଉଣ୍ଡେସନକୁ ବିଲ ଗେଟ୍ସ, ଓମିଦ୍ୟାର, ରକ୍‌ଫେଲର, ଫୋର୍ଡ ଫାଉଣ୍ଡେସନ ଏବଂ ସୋରୋସ ଆଦି ଆର୍ଥିକ ସହାୟତା ଦେଇଥାନ୍ତି । ସେମିତି ସୋରୋସ, ଫୋର୍ଡ ଫାଉଣ୍ଡେସନ, ରକ୍‌ଫେଲର, ଓମିଦ୍ୟାର, ବିଲ ଗେଟ୍ସ ଏବଂ ଅଜିମ ପ୍ରେମଜୀଙ୍କଠାରୁ ଆର୍ଥିକ ସହାୟତା ପାଉଥିବା ଭାରତୀୟ ଏନ୍‌ଜିଓ ହେଉଛି ନେସନାଲ ଫାଉଣ୍ଡେସନ ଅଫ୍ ଇଣ୍ଡିଆ । ୱିପ୍ରୋର ମାଲିକ ଅଜିମ୍ ପ୍ରେମଜୀଙ୍କ ନେତୃତ୍ୱରେ ଆଇପିଏସ୍‌ଏମ୍‌ଏଫ୍ ନାମକ ଏକ ଏନ୍‌ଜିଓ ରହିଛି ଯାହା ଅଲ୍‌ଟ ନିଉଜ, ଦି ୱାୟାର, ଦି କାରାଭାନ, ଦି ନିଉଜ୍ ମିନୁଟ ପରି ବାମପନ୍ଥୀ ଏବଂ ଭାରତ ବିରୋଧୀ ଗୋଷ୍ଠୀଙ୍କ ପ୍ରଚ୍ଛର ପାଇଁ ଅର୍ଥ ପ୍ରଦାନ କରିଥାଏ । ସିପିଏମ୍‌ର ନେତା ସୀତାରାମ ୟେଚୁରୀଙ୍କ ପତ୍ନୀ ସୀମା ଚିସ୍ତି ଏନ୍‌ଏଫଆଇ ମିଡିଆ ମାର୍ଗଦର୍ଶିକା । ଦି ୱାୟାର ନିଉଜ୍ ୱେବସାଇଟର ଭାରତ ବିରୋଧୀ ସୋରୋସ, ଫୋର୍ଡ, ବିଲ ଗେଟ୍ସ, ଅଜିମ ପ୍ରେମ୍‌ଜୀ, ଓମିଦ୍ୟାର, ରକ୍‌ଫେଲର ଅନୁଦାନ ପ୍ରାପ୍ତ ଏନ୍‌ଏଫ୍‌ଆର ସହ ସଂପର୍କ ରହିଛି । ୨୦୧୭ରୁ ଅଷ୍ଟ୍ରେଲିଆରେ ଆଦାନୀଙ୍କ ପ୍ରକଳ୍ପ ବିରୁଦ୍ଧରେ ଦି ୱାୟାର ୫ଟି ଲେଖା ପ୍ରକାଶ କରିଆସିଛି । ଏନ୍‌ଏଫ୍‌ଆଇର ଅନ୍ୟତମ ମିଡିଆ ପରାମର୍ଶଦାତ୍ରୀ ଧନ୍ୟା ରାଜେନ୍ଦ୍ରନ୍ ଦି ନିଉଜ୍ ମିନୁଟର ସହ ସଂସ୍ଥାପିକା ଯିଏକି ସୋରୋସଙ୍କଠାରୁ ଏମ୍‌ଡିଆଇଏଫ୍ ମାଧ୍ୟମରେ ଅର୍ଥ ସଂଗ୍ରହ କରି ଡିଜିପବ ନାମରେ ଏକ ମିଡିଆ ପ୍ରଚ୍ଛରକ ଗୋଷ୍ଠୀ ଗଠନ କରିଛନ୍ତି , ଯାହା ଭାରତରେ ଭାରତ ବିରୋଧୀ ପ୍ରଚ୍ଛରରେ ଲିପ୍ତ ରହିଛି। ଏହି ସଂସ୍ଥାର ଉପସଭାପତି ପଦରେ ଅର୍ଥ ଜାଲିଆତିରେ ଲିପ୍ତ ନିଉଜ୍ କ୍ଲିକର କମ୍ୟୁନିଷ୍ଟ ନେତା ପ୍ରବୀର ପୁରକାୟସ୍ଥଙ୍କ ପରି ଲୋକେ ରହିଛନ୍ତି । ଡିଜିପବ୍ ନିଉଜ୍ ମିଡିଆ ଫାଉଣ୍ଡେସନ ଅର୍ଗାନାଇଜେସନରେ ଅଲ୍‌ଟ ନିଉଜ୍, ଆର୍ଟିକିଲ୍ ୧୪, ବୁମଲାଇଭ, କୋବ୍ରା ପୋଷ୍ଟ, ଏଟ୍‌ଡବ୍ଲୁ ନିଉଜ୍, ନିଉଜ୍ କ୍ଲିକ୍, ନିଉଜ୍ ଲଣ୍ଡ୍ରୀ, ସ୍କ୍ରଲ, ଦି ନିଉଜ୍ ମିନୁଟ, ଦି କ୍ୟୁଇଣ୍ଟ, ଦି ୱାୟାର ଆଦି ରହିଛନ୍ତି। ଏହିସବୁ ନିଉଜ୍ ୱେବସାଇଟ୍‌ଗୁଡିକ ଆଇପିଏସ୍‌ଏମ୍‌ଏଫରୁ ଅର୍ଥ ପାଉଛନ୍ତି ଏବଂ ଆଦାନୀଙ୍କ ବିରୁଦ୍ଧରେ ପ୍ରଚ୍ଛର କରୁଛନ୍ତି । ଏଥିରେ ସାମିଲ ଲୋକେ ହେଲେ ଧନ୍ୟା ରାଜେନ୍ଦ୍ରନ, ଆକାଶ ବାନାର୍ଜୀ, ଅଜିତ ଅଞ୍ଜୁମ୍, ଅଭିସାର ଶର୍ମା, ଫାୟେ ଡି ସୌଜା ଏବଂ ଆଲୋକ ଯୋଶୀ ପ୍ରମୁଖ । ଆଲିଶାନ ଜାଫ୍ରି ନାମକ ଅନ୍ୟଜଣେ ଟୋପିବାଜ୍ ଦି ୱାୟାର, ଦି କ୍ୟୁଇଣ୍ଟ, ନିଉଜ୍ କ୍ଲିକ୍ , ଏଜେ ଇଂଲିସ ପରି ୱେବସାଇଟ୍ ପାଇଁ ଲେଖିଥାଏ ଯିଏକି ଏନ୍‌ଏଫ୍‌ଆଇ ଫେଲୋସିପ୍ ପାଇଁ ବିବିସିର ଭାରତ ବିରୋଧୀ ପ୍ରଚ୍ଛରରେ ଦିନରାତି ଲାଗିପଡିଛି । ସୀତାରାମ ୟେଚୁରୀଙ୍କ ସ୍ତ୍ରୀ ସୀମା ପୂର୍ବରୁ ୧୦ବର୍ଷ କାଳ ବିବିସିର ସଂପାଦିକା ଥିଲେ । ଆଉ ଏବେ ଦି ୱାୟାରର ସଂପାଦିକା ଅଛନ୍ତି । ଡିଜିଟାଲ ସାମ୍ବାଦିକତା କ୍ଷେତ୍ରରେ ଭାରତ ବିରୋଧୀ ପ୍ରଚ୍ଛରରେ ଲାଗିଥିବା ଦି ୱାୟାର, ଆର୍ଟିକ୍ଲ୧୪, ଦି କାରାଭାନ, ଅଲ୍ ଜଜିରାରେ କାର୍ଯ୍ୟରତ ଲୋକଙ୍କୁ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଏଫ୍‌ଆଇ ପକ୍ଷରୁ ଫେଲୋସିପ୍ ପ୍ରଦାନ କରାଯାଇଥାଏ । ବିବିଏଫ୍ ଟ୍ୱିଟର ହ୍ୟାଣ୍ଡେଲକୁ ଆଧାର କରି ଟ୍ୱିଟରରେ ଆଦାନୀ ବିରୋଧୀ ପ୍ରଚ୍ଛର କରୁଥିବା ରବି ନାୟାର ଆଦାନୀ ୱାଚ, ଦି ୱାୟାର, ନିଉଜ୍ କ୍ଲିକ, ଜନତା କା ରିପୋର୍ଟର ପରି ଡିଜିପବ୍ ସହ ରହିଛି ।

ଅଷ୍ଟ୍ରେଲିଆରେ ଆଦାନୀ ବିରୋଧୀ ପ୍ରଚ୍ଛର ଚଳାଇଥିବା ବେଳେ ବ୍ରାଉନ୍ ଫାଉଣ୍ଡେସନ ୨୦୧୭ରେ ହୋବାର୍ଟ ସହରରେ ଷ୍ଟପ୍ ଆଦାନୀ ରାଲିର ଆୟୋଜନ କରି ୫୦୦୦ଷ୍ଟପ୍ ଆଦାନୀ ଲେଖାଥିବା ବିଶାଳକାୟ ଷ୍ଟିକର ସବୁ ଅଷ୍ଟ୍ରେଲିଆରେ ମାଗଣାରେ ବାଣ୍ଟିଥିଲା । ଏହି ସଂସ୍ଥାର ମୁଖ୍ୟ ଅଧିକାରୀ ଷ୍ଟିଭେନ ଚ୍ଛଫର ଭାରତରୁ ତଡା ଖାଇଥିବା ଆମନେଷ୍ଟି ଏବଂ ଗ୍ରୀନପିସ୍ ପରି ସଂସ୍ଥା ସହ ରହିଛନ୍ତି । ଧନ୍ୟା-ରାଜେନ୍ଦ୍ରନଙ୍କ ଅଂଶୀଦାର ରିତୁ କପୁର ବ୍ରିଟେନରେ ଏକ ଜାଲି କମ୍ପାନୀ ଖୋଲି ଅତୀତରେ ଟିକସ ନଦେଇ ବନ୍ଦ କରିଦେଇଥିଲେ । ଏହିସବୁ ଜାଲି ଲୋକେ ବିଦେଶର ଜାଲି ସଂସ୍ଥା ଓ ଭାରତ ବିରୋଧୀ ଗୋଷ୍ଠୀ ସହ ସାମିଲ ହୋଇ ଦେଶରେ ଏବଂ ବିଦେଶରେ ଭାରତର ସମ୍ମାନକୁ କ୍ଷୁର୍ଣ୍ଣ କଲାପରି କାର୍ଯ୍ୟରେ ସାମିଲ ରହିଛନ୍ତି । ଇତି ମଧ୍ୟରେ କେବଳ ଆଦାନୀଙ୍କର ଯେମିତି କ୍ଷତି ହୋଇଛି ସେମିତି ଭାରତର ପୁଞ୍ଜିବଜାରରେ ବହୁକ୍ଷତି ହୋଇଛି । ଅନେକ ନିବେଶକଙ୍କ ଅର୍ଥର ମୂଲ୍ୟହ୍ରାସ ଘଟିଛି । ଚଳିତବର୍ଷ ଆରମ୍ଭରେ ବିଶ୍ୱର ତୃତୀୟ ଧନୀ ଭାବେ ମାନ୍ୟତା ଲାଭ କରିଥିବା ଆଦାନୀଙ୍କ ସଂପତ୍ତି ୧୨୧ ବିଲିଅନକୁ ଛୁଇଁଥିଲା । ହିଣ୍ଡେନବର୍ଗ ରିପୋର୍ଟ ପରେ ଫେବୃଆରୀ ୨ ବେଳକୁ ତାଙ୍କ ସଂପତ୍ତି ୧୦ଦିନରେ ହ୍ରାସ ପାଇ ୬୧.୩ ବିଲିଅନକୁ ଖସିଛି । ଆଦାନୀ ଧନୀ ତାଲିକାରେ ୩ରୁ ୨୧ତମ ସ୍ଥାନକୁ ଖସିଛନ୍ତି । ନିବେଶକଙ୍କର ୧୦ଲକ୍ଷ କୋଟି ଟଙ୍କା ବୁଡିଯାଇଛି । ୨୦୨୩ର ବିଶ୍ୱମାନ୍ଦାବସ୍ଥାରେ ଏପ୍ରକାର ଅନେକ ଷଡଯନ୍ତ୍ର ଦେଖିବାକୁ ମିଳିବ । କାର୍ପୋରେଟ ଲଢେଇରେ ଏମିତି ଅତୀତରେ ଅନେକଙ୍କ କ୍ଷତି ହୋଇଛି । ତେଣୁ ଭାରତର ଉଦୟରେ ଗାତ୍ରଦାହ ହେଉଥିବା ସଂସ୍ଥା ଏବଂ ଲୋକେ ଆଗାମୀ ଦିନରେ ଏମିତି ଅନେକ କାର୍ଯ୍ୟ କରିବେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ । ଧିରୁଭାଇ ଅମ୍ବାନୀଙ୍କ ବିରୁଦ୍ଧରେ ୮୦ଦଶକର ଏମିତି ଏକ ଝଡ ଆସିଥିଲା ଯାହାକୁ କୋଲକାତାର କିଛି ଦଲାଲ ଷଡଯନ୍ତ୍ର କରି ବଜାରକୁ ଛାଡିଥିଲେ । ହେଲେ ସେ ହାରି ନଯାଇ ତାର ମୁକବିଲା କରିଥିଲେ । ଆଉ ଏବେ ରିଲାଏନ୍ସ ସମସ୍ତଙ୍କ ସମ୍ମୁଖରେ ରହିଛି ।

ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩

# ନିରବତାରେ ପରମ ଅନୁଭୂତି



ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ

ଆଜିକାଲି ବିଜ୍ଞାପନର ଯୁଗ। ଅନେକ କ୍ଷେତ୍ରରେ ଦେଖାଯାଉଛି ଯିଏ ନିଜକୁ ଯେତିକି ପ୍ରଚାର କଲା, ତାର କାଟ୍‌ତି ସେତିକି ଅଧିକ। ଗୁଣ ଅପେକ୍ଷା ପରିମାଣକୁ ଦେଖାଯାଉଛି। କର୍ମ ଅପେକ୍ଷା କଥାକୁ ଗୁରୁତ୍ୱ ମିଳୁଛି। ଯଦିଓ ସମସ୍ତଙ୍କ ଚରିତ୍ର ସମାନ ନୁହେଁ ବ୍ୟବହାରିକ ଜୀବନରେ ଯଦିଓ ପ୍ରଚାରର ଆବଶ୍ୟକତା ରହିଛି, ମାତ୍ର ଜୀବନ ପ୍ରଚାରସର୍ବସ୍ୱ ହୋଇଗଲେ, ତାହା ଫମ୍ପା ହୋଇଯିବ ନିଶ୍ଚୟ। ମୂଲ୍ୟବୋଧହୀନ ନୈତିକତା ବିହୀନ ଜୀବନ ଅନେକ ପ୍ରକାର ବିଶୃଙ୍ଖଳା ପରିବାରରେ, ସମାଜରେ ସୃଷ୍ଟି କରିବ ହିଁ କରିବ। ଯେଉଁ ବିଶୃଙ୍ଖଳା ଏବେ ସର୍ବତ୍ର ପରିଦୃଶ୍ୟମାନ। ଧର୍ମକ୍ଷେତ୍ର ଏହି ବିଶୃଙ୍ଖଳାରୁ ମୁକ୍ତ ନୁହେଁ। ଅନେକ ଧର୍ମଧ୍ୱଜାଧାରୀ କେବଳ ଆଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନା, ପ୍ରବଚନ, କେତେକ ଧରାବନ୍ଧା ନିୟମ ମଧ୍ୟରେ ଧର୍ମକୁ ବାନ୍ଧି ଦେବାକୁ ଚେଷ୍ଟା କରୁଛନ୍ତି। ଧର୍ମ ଜଣଙ୍କ ପାଇଁ ଯାହା ଅନ୍ୟ ପାଇଁ ତାହା ନହୋଇପାରେ। ଯେପରି ଥଣ୍ଡାଜ୍ୱରରେ ପୀଡ଼ିତ ରୋଗୀ ପାଇଁ ପ୍ରାତଃସ୍ନାନ ଉପକାରୀ ନହୋଇପାରେ, ମାତ୍ର ସାଧାରଣ ବ୍ୟକ୍ତି ଭୋରରୁ ସ୍ନାନ କରି ପୂଜାକର୍ମ କଲେ ତାହା ତା ମନ, ଶରୀର ଶାନ୍ତ ଶୁଦ୍ଧ ରଖିବାରେ ସହାୟକ ହୋଇପାରେ। ସେହିପରି ଯୋଗବ୍ୟାୟାମ ଶରୀର ପାଇଁ ଉପକାରୀ। ମାତ୍ର ସମସ୍ତଙ୍କ ପାଇଁ ସମାନ ପ୍ରକାରର ଯୋଗ ଉପକାରୀ ହୋଇନପାରେ। ଏହା କାହା ପାଇଁ ଓଲଟା ଫଳ ମଧ ଦେଇପାରେ। ସବୁ ବୈଷମ୍ୟ ଭିତରେ ବି ରହିଛି ଜୀବନଧର୍ମ। ଯାହା ସମସ୍ତଙ୍କ ପାଇଁ ସମାନ। ଯେପରି ହସକାନ୍ଦ, ଦୁଃଖସୁଖ, ଭଲମନ୍ଦର ଅନୁଭବ। ଏହି ଅନୁଭବଟି ସମାନ। ଅନୁଭବ ଗଭୀରତର ହୁଏ ନିଶବ୍ଦରେ। ମନ ଶାନ୍ତ, ନିରବ ହେଲେ, ହୃଦୟର ଗଭୀର ପ୍ରଦେଶକୁ ପ୍ରବେଶ କଲେ ଆମେ ଯାହା ପାଉ ତାହା ଅଖଣ୍ଡ ନିରବତା ଓ ପ୍ରଶାନ୍ତି। ଏହି ନିରବତା, ପ୍ରଶାନ୍ତିରେ ରହିଛି ପରମ ଆନନ୍ଦ। ଯାହା କେବେ କୌଣସି ପରିସ୍ଥିତିରେ କ୍ଷୁର୍ଣ୍ଣ ହୋଇଯାଏନାହିଁ। ଯାହାକୁ ମହାପୁରୁଷମାନେ କହିଯାଇଛନ୍ତି ଯେ ଏହି ଅନୁଭବଟି ହିଁ ଚୈତନ୍ୟ। ପରମଚୈତନ୍ୟଙ୍କର ଅଂଶବିଶେଷ। ଏହି ଚୈତନ୍ୟ ସହ ସମ୍ପର୍କ ଯୋଡ଼ିବାକୁ ହେଲେ ବାହାରର ହୋହଲ୍ଲାରୁ ବାହାରି ଅନ୍ତଃକରଣକୁ ଯାତ୍ରା କରିବାକୁ ହେବ। ନିରବତାରେ ଏହି ଯାତ୍ରା ହୁଏ ସହଜ ତଥା ସରଳ। ନିରବତାରେ ରହିଛି ଶକ୍ତି। ଏହି ମର୍ମରେ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦ ଆହ୍ୱାନ ଦେଇ କହିଛନ୍ତି "Accumulate power in silence and become a dynamo of spirituality' ଏହି ଯୁଗରେ ଅଧ୍ୟାତ୍ମଜଗତର ଜ୍ୟୋତିଷ୍କ ଯୋଗୀ ଶ୍ରୀଅରବିନ୍ଦଙ୍କ ଅନୁପମ ବାଣୀ ଅନୁଯାୟୀ "When mind is still, then truth gets her chance to be heard in the purity of silence'

ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ, କୁରମେଲ
ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି

## ପ୍ରଚେଷ୍ଟା

### ଦିପ୍ତିମୟୀ ପଣ୍ଡା

ଭାବନାର ପରିଧି ଯେବେ
ଛୁଇଁଯାଏ
ନୀଳ ପାରାବାର ଢେଉ
ଇନ୍ଦ୍ରଧନୁର ସାତ ରଙ୍ଗେ
ବି ଫିକା ପଡ଼ିଯାଏ
ଏଇ ରଙ୍ଗୀନ ଜୀବନ।
ଅଭିମାନ ଯେବେ ଆଭୋରିନିଏ
ବ୍ୟାକୁଳତା ବଢିଯାଏ
ଗୋଟିଏ ଅନବରତ ହୃଦସ୍ପନ୍ଦନର
ନିରନ୍ତର ଧକ୍ ଧକ୍ ରେ।
ମୁଦ୍ରିତ ନୟନର
ଉନ୍ମିଳିତ ପଲକରେ
ଶବ୍ଦର ଏକାନ୍ତ ଅଭାବ।
ସମଷ୍ଟିରେ ବି
ଅଧିର ଏ ଏକଲାପଣ
ବିଚଳିତ କରେ
ନିରବୀ ଯାଇଥିବା
ସବୁ ବଚସା।
ମୁକୁଳିବା ନିମିତ୍ତ
ନିରନ୍ତର ଏକ ପ୍ରଚେଷ୍ଟା
ଭାଙ୍ଗିବାକୁ ସେଇ
ଅଦୃଶ୍ୟ ବିଶାଳ ପ୍ରାଚୀର
ଯାହା ଦଣ୍ଡାୟମାନ
ଅତୀତ ଆଉ ବର୍ତ୍ତମାନର
ମିଳନ ସେତୁରେ।
ସେଇ ପ୍ରଚେଷ୍ଟାର ଆଢୁଆଳରେ
ଗଢି ଉଠିବ କାଲେ
ଭବିଷ୍ୟତର ଏକ
ଉତ୍ତଙ୍ଗ ଶୃଙ୍ଗ।

ଦେଓଗାଁ, ବରଗଡ଼






## ମୋ ପ୍ରେମିକା ପରି କିଏ ହେବ

### ପବିତ୍ର ବେହେରା

ମୋ ପ୍ରେମିକା ପରି କିଏ ହେବ
ସକାଳୁ ସକାଳୁ ରାଉ ରାଉ ହେଉଥିବ
ଲାଷ୍ଟ ସିନ୍ ସଦା ଦେଖୁଥିବ
ଝିଅଙ୍କ ସହିତ କଥାହେଲେ ଟିକେ
ଜଳିପଡି ଯାଉଥିବ
ମା କାଳୀ କି ତାକୁ କହିବ
ସତେ କି ସେ ମୋତେ
ଗୋଟା ଗିଳି ଦେବ
ମୋ ପ୍ରେମିକା ପରି କିଏ ହେବ ।

ମୋ ପ୍ରେମିକା ପରି କିଏ ହେବ
କଥା କଥାରେ ସେ ହସିଦେଇ
ପକେଟ୍ ସବୁ ଖାଲି କରିଦେଉଥିବ
ପାଉଁଜି ପିନ୍ଧି ଛମ୍ ଛମ୍ କରି ସେ
କଲେଜ ଆସିବ
ହିଲ୍ ମାରି ନଖରା ଦେଖେଇ
ଚାଲିଯାଉଥିବ
ସେ ଭଲ ଝିଅ ବୋଲାଇବ
କିଛି ଜାଣିନି ତାକୁ କହିବ
ଆମେ ଟିକେ ସ୍ମାଇଲ ମାରିଲେ
ଗରଗର ଖାଲି ହେବ
ମୋ ପ୍ରେମିକା ପରି କିଏ ହେବ ।

ସନ୍ଧ୍ୟା ହେଲେ ସିଏ
ପାର୍କ ବୁଲିବାକୁ ଯିବ
ଥିଏଟର ତା’ର ବପାର କହୁଥିବ
ଖାଇବା ପିଇବାରେ ଟିକେ
ହେଳା ନଥିବ
ବର୍ଗ, ପିଜା,
ବିରିଆନି ଖାଲି ଖାଉଥିବ
ସତେ କି କୁମ୍ଭକର୍ଣ୍ଣ ତାକୁ କହିବ ।

ରାଗିକି ଟିକିଏ କହିଦେଲେ କିଛି
ସେ କୁମ୍ଭୀର କାନ୍ଦଣା କାନ୍ଦିବ
ସତେ କି ସାରା ଦୁନିଆଁଟା ଭିଜିଯିବ
ସୁନା ଲୁହ ତା’ର ଝରି ପଡୁଥିବ
ସୁନା ଧନ କହି ତାକୁ କେତେ ଗେଲ
କରିବାକୁ ହେବ
କେତେ ଯେ ସେ ଭାଉ ଖାଇବ
ସତେ କି ସେ କିଛି ଖାଉନି କହିବ ।
ମୋ ପ୍ରେମିକା ପରି କିଏ ହେବ ।

ବକ୍ସି ବଜାର, ବାଟଗାଁ,
ରେଢ଼ାଖୋଲ ସମ୍ବଲପୁର
ମୋ : ୭୭୫୧୦୭୫୩୫୦

## ଅନ୍ଧାର

### ଭବାନୀ ଶଙ୍କର ନାୟକ



ସଫେଦ୍ ଦିବାଲୋକରେ
କିଏ ଛାତିରେ ମୋ
ଭରିଦିଏ ମେଞ୍ଚାଏ ଅନ୍ଧାର,
ସେଇ ଅନ୍ଧାର ଭିତରେ
ମୁଁ ଅଣନିଶ୍ୱାସୀ ହୁଏ
ଖୋଜେ କ୍ଷୀଣ
ଦୀପଶିଖାଟିଏ ଅବା
ପାଲଟିଯାଏ ନିସ୍ତବ୍ଧ ପଥର ।

ମତେ ଶୁଣାଯାଏନି କିଛି
ବଧିରା ହୁଏ ଦେହ
ଛାତିର ଅନ୍ଧାର ଦିଗନ୍ତରୁ
ଆହୁରି ଦୂରକୁ ଲମ୍ବିଥାଏ
ଯହିଁ ଭେଟ ହୁଏ
କିଛି ଚିହ୍ନା ମୁହଁ,
ଯାହାକୁ ଏବେ ଆଉ
ଭେଟିହୁଏନି ଗଛ ଗହଳିରେ
ଅବା ନଈ ପଠା ପରେ
ଖାଲି ମହମହ ବାସୁଥାଏ
ଫିକା ପଦଚିହ୍ନ ।

କେଜାଣି ହଠାତ୍
ଛାତିର କୋଠରି ମୋ
ଆଲୋକିତ ହୁଏ
ରକ୍ତରେ ସଞ୍ଚରେ ମୃଦୁ କମ୍ପନ,
ନିଶ୍ୱାସରେ ଭରିଯାଏ
ଝରଣାର ଶୀତଳତା
ଆଖିରେ ଝଲସି ଉଠେ
ଅଫୁରନ୍ତ ରଙ୍ଗ ଫଗୁଣ ।

ମୁଁ ଜାଣେ
ଅନ୍ଧାର କେବେ ପୁଣି
ଘର କରିନେବ
ମୋ ଫମ୍ପା ଛାତିରେ,
ଅନ୍ଧାର ହିଁ ଅନ୍ଧାରକୁ
ଜିତି ପାରେ ବୋଲି
ମହମବତିର ଶିଖାଟି
ଭୟରେ ଥରିଉଠେ
ଦୁର୍ଦ୍ଧର୍ଷ ଅନ୍ଧାର ରାତିରେ ।

ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ: ୯୯୩୮୩୪୪୬୮୧

## ମୁଁ ସମୟ କହୁଛି

### ସିଦ୍ଧେଶ୍ୱର ପାଣିଗ୍ରାହୀ

ପ୍ରତିଦିନ ପ୍ରତି ମୁହୂର୍ତ୍ତରେ
ଦେଖୁଛି ଲୋକଙ୍କୁ
ବହୁରୂପା ପରି ରଙ୍ଗ ବଦଳାନ୍ତି
ବୟସର ଉଠାଣିରେ ପୁଣି ଗଡ଼ାଣିରେ
ଜୀବନର ଢଙ୍ଗ ବଦଳାନ୍ତି ।
ଯିଏ ଦିନେ ଚାଲିଗଲାବେଳେ
ଦେଖାଇଛି ସିଂହ ପରାକ୍ରମ
ତାକୁ ବି ଦେଖିଛି ପାଦ
ଉଠାଇବାପାଇଁ,
ବିକଳରେ ସାହାଯ୍ୟ ନେବାର ।
କୁଟିଳ ନୟନ ଚମକକୁ ଦେଖି
ଦାବିଯାଉଥିଲା ଜନତା ଯା’ର
ଶ୍ରାବଣର ବର୍ଷାପରି ସେହି ନୟନକୁ
ଦେଖିଅଛି ଲୁହ ଢ଼ାଳିବାର ।
ଯା’ ହାତର ଇଶାରାମାତ୍ରକେ
ପଥର ବି ଯାଇଛି ତରଳି
ଦେଖିଛି ମୁଁ ସେହି ହାତ ପୁଣି
ଥରିଉଠିବାର ଶୁଷ୍କପତ୍ର ପରି ।
ଚିତ୍କାରରେ ଦିନେ ଯାର
ହେଉଥିଲା ଭ୍ରମ ବଜ୍ରନିର୍ଘୋଷର
ଦେଖିଛି ମୁଁ ତାଙ୍କରି ଓଠରେ
ନୀରବତା-ତାଲା ପଡ଼ିବାର ।
ସେ ସମ୍ପଦ ସେହି ଦମ୍ଭ
ସେହି ପରାକ୍ରମ,
ସବୁ ଅଟେ ଦାନ ପ୍ରକୃତିର
ଥାଇ ବି ଏସବୁ ଦେଖିଅଛି ମୁହିଁ
ମଣିଷକୁ ନିର୍ଜୀବ ହେବାର ।
ଦୁଃଖ ଦେବାକୁ ଅଛନ୍ତି ହଜାରହଜାର
ପାର ଯଦି ହସଖୁସି ବିତରଣ କର
ମନତଳୁ ଦୂରକରି ବ୍ୟର୍ଥ ଅହଂକାର ।

ଖୁଣ୍ଟା, ଉଦଳା



# ପିତୃ ପ୍ରତିମ

## ରତ୍ନକାନ୍ତି ମିଶ୍ର



ବିବେକ ବାବୁ ବସିଥିଲେ ସ୍ଥାଣୁ ହୋଇ । କ'ଣ କରିବେ କିଛି ବୁଝି ପାରୁ ନଥିଲେ । ଆସନ୍ତାକାଲି କାର୍ଯ୍ୟାଳୟରୁ ସେ ଅବସର ନେବେ । ଚାକିରୀର ଶେଷ ଦିନ ପୂର୍ବରୁ ତାଙ୍କ ପାଇଁ ଏମିତି ଏକ ସମ୍ବାଦ ଆସିବ ବୋଲି ବିଶ୍ୱାସ କରିନଥିଲେ । ରେଣୁକା ଯେମିତି ଦୁଃଖରେ ଜଡସଡ ହୋଇ ବସିଥିଲେ । ନିଜକୁ ନିଜେ ଅଭିଶାପ ଦେଉଥିଲେ ଅନୁତାପ ବଶତଃ । ତାଙ୍କରି ପାଇଁ ତ ସ୍ୱାମୀ ଆଜି ଦୁଃଖ ଏବଂ ଚିନ୍ତାରେ ଜର୍ଜରିତ । ଯେଉଁ ଭରସାରେ ଏକମାତ୍ର ପୁଅର ଇଚ୍ଛା ଅନୁସାରେ ସହର ଉପକଣ୍ଠରେ ଜାଗା କିଣି ଡ୍ୟୁପ୍ଲେକ୍ସ ଟିଏ ବନେଇ ଥିଲେ, ସେଠି ବି ଅବସରକାଳୀନ ରାହା ଟିକେ ମିଳି ପାରିବ ନାହିଁ । କ'ଣ କରିବେ ଏବେ !!!

ନିଜ ପୁଅ ବୋହୂଙ୍କ ଦ୍ୱାରା ଉପେକ୍ଷିତ ହୋଇ ଝିଅ ଆକାଂକ୍ଷା ପାଖରେ ଜୀବନର ଶେଷ ସମୟତକ ଶାଶୁ ଶ୍ୱଶୁର ଦୁହେଁ ରହିବେ ବୋଲି ଆଜି ସକାଳୁ ଜଣାଇଲା ଅମ୍ଳାନ । ଏ କଥା ବି ଜଣାଇ ଦେଲା ଯେ ଏତେ ଛୋଟ ଘରେ ବାପା ମା ଙ୍କ ପାଇଁ ଆଉ ବଳକା ରୁମ୍ ନାହିଁ ବୋଲି । ବିବେକ ବାବୁ ଗଲା ଦିନର କଥା ଭାବୁଥିଲେ । ଅମ୍ଳାନ ଯେଉଁଦିନ ଆସି ଜାଗା କିଣିବା ଲାଗି ଟଙ୍କା ମାଗିଥିଲା, ଶେଷ ପର୍ଯ୍ୟନ୍ତ ନିଜର ଗଚ୍ଛିତ ଯାହା କିଛି ଟଙ୍କା ପଇସା କାହାକୁ ଦେବେ ନାହିଁ ବୋଲି ବିବେକ ବାବୁ ରୋକଠୋକ ଶୁଣାଇ ଦେଇଥିଲେ । କାରଣ ପୁଅ ଓ ବୋହୂ ଆକାଂକ୍ଷାର ହାବଭାବରୁ ସେ ସେମିତି କିଛି ଆଭାସ ପାଇଥିଲେ । ସେତକ ପଇସା ବି ବାକିତକ ଜୀବନକୁ କଟାଇବା ପାଇଁ ଏକମାତ୍ର ସମ୍ବଳ ଥିଲା ।

ନିଜ ଚାକିରି କାଳ ଭିତରେ ଭୁବନେଶ୍ୱରରେ ଖଣ୍ଡେ ଜାଗା କିଣି ପାରିନଥିବାରୁ ପତ୍ନୀ ତାଙ୍କୁ କେତେଥର ଛିଗୁଲେଉଥିଲେ । ପୁଅ ବାହାଘର କଲେ ବୋହୂକୁ ରଖିବାକୁ ଘର ଖଣ୍ଡେ ତ ଦରକାର ବୋଲି ବାରମ୍ବାର ଚେତେଇ ଦେଉଥିଲେ ରେଣୁକା । ସାଧାରଣ ସରକାରୀ ଚାକିରୀରେ କେତେ ଅବା ପଇସା ସେ ରଖି ପାରିଥାନ୍ତେ । ଦୁଇଟି ଝିଅ ଏବଂ ଗୋଟିଏ ପୁଅକୁ ପାଠ ପଢେଇବା ସହିତ ଦୁଇ ଝିଅଙ୍କର ବାହାଘର ପରେ ବିବେକ ବାବୁଙ୍କ ପାଖରେ ସେମିତି କିଛି ବେଶୀ ପଇସା ନଥିଲା ।

ରେଣୁକା କିନ୍ତୁ ପୁଅର ଜିଦି ଆଗରେ ବିବଶ ହୋଇ ପଡିଥିଲେ । 'ପୁଅ, ବୋହୂ, ନାତି, ନାତୁଣୀଙ୍କ ସହିତ ଖୁସିରେ ଆମେ ସମୟ କଟେଇବା । ନହେଲେ ଭବିଷ୍ୟତରେ ବନ୍ଧୁ ବାନ୍ଧବ ସମସ୍ତେ ହିଁ ଆମ ଦୁହିଁଙ୍କୁ ଦୋଷଦେବେ' ବୋଲି ସ୍ୱାମୀଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ ।

– 'ହେଲେ ପୁଅ ବୋହୁ ଦୁହେଁ ଚାକିରି କରୁଛନ୍ତି । ସେମାନେ ତାଙ୍କ ପଇସାରେ କିମ୍ବା ଲୋନ ଆଣି କ'ଣ କରିବା କଥା କରନ୍ତୁ । ମୁଁ ଦେଇ ପାରିବି ନାହିଁ'ର ଜିଦି ଶେଷକୁ ବିବେକ ବାବୁ ଭାଙ୍ଗି ଦେଇଥିଲେ ପତ୍ନୀଙ୍କ ମାତୃସୁଲଭ ଯାଚନା ଆଗରେ ।

କିଣିଥିବା ଜାଗାରେ ଘର ତିଆରି ପାଇଁ ମା' ପୁଅଙ୍କ ଜିଦି ଆଗରେ ବିବେକ ବାବୁ ଆଉଥରେ ଝୁଙ୍କିବାକୁ ବାଧ ହୋଇଥିଲେ । ଗାଆଁକୁ ଯାଇ ବଡଭାଇଙ୍କଠାରୁ ନିଜ ଭାଗ ଜାଗା ମାଗିବାକୁ ସ୍ଥିର କରିଥିଲେ । ପିଲାଦିନୁ ବାପଛେଉଣ୍ଡ ସାନଭାଇକୁ କେତେ ଯେ ଦୁଃଖକଷ୍ଟରେ ବଡଭାଇ ପାଳିପୋଷି ମଣିଷ କରିଥିଲେ ସବୁ ତାଙ୍କ ଆଖି ଆଗରେ ନାଚି ଯାଉଥିଲା । କଣ୍ଠ ରୁଦ୍ଧ ହୋଇ ଆସୁଥିଲା । ପାଦତଳେ ଯେମିତି ଭୂମିକମ୍ପ ହେଉଥିଲା । ତଥାପି ନିଜ ପତ୍ନୀ ଏବଂ ପୁଅବୋହୂଙ୍କ ରଚିତ ଅଶାନ୍ତ ବାତାବରଣରୁ ରକ୍ଷା ପାଇବା ପାଇଁ ସେ ଭାଇଙ୍କ ଆଗରେ ଦୃଢ ହୋଇ ରହିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ । ହେଲେ ଦୃଷ୍ଟି ଥିଲା ତଳକୁ । ବଡଭାଇଙ୍କ ଆଖିରେ ଆଖି ମିଶେଇ ପାରୁ ନଥିବା ଭାଇର ଅସହାୟତାକୁ ବୋଧହୁଏ ବୁଝି ପାରିଲେ ପିତୃପ୍ରତିମ ବଡଭାଇ ।

ଦାବି ମୁତାବକ ଘରଡିହର ଭାଇଭାଗ ପରିମାଣ ଦେବା ପାଇଁ ଦୁଇଦିନ ସମୟ ମାଗିଥିଲେ ଭାଇ । ଠିକ୍ ଦୁଇ ଦିନର କଣ୍ଟ ପୁରିବା ପୂର୍ବରୁ ପ୍ରଚଣ୍ଡ ରୌଦ୍ରକୁ ଖାତିରି ନକରି ଆସି ପହଞ୍ଚିଲେ ଭାଇ । ସାନଭାଇ ହାତରେ ଧରେଇ ଦେଇଥିଲେ ଟଙ୍କାତକ ଏବଂ ଏକମୁହାଁ ହୋଇ ବାହାରି ଯାଇଥିଲେ ଗାଁକୁ । ଗୋଟିଏ ଟ୍ରାକ୍ଟର, ସ୍ୱର୍ଗତା ଭାଉଜ ଏବଂ ବୋହୂମାନଙ୍କର ଗହଣାପତ୍ର ବିନିମୟରେ ଭାଇ ଏ ଟଙ୍କା ଯୋଗାଡ କରିଥିଲେ ବୋଲି ଗାଁର ଜଣେ ଚିହ୍ନା ଲୋକ ଖବର ଦେଇଥିଲେ । ପରଦିନ ସକାଳକୁ ବଡଭାଇଙ୍କ ଦେହାନ୍ତ ଖବର ମିଳିଲା ବିବେକ ବାବୁଙ୍କୁ । ମର୍ମାହତ ଭାଇ ଏତେ ଦୁଃଖ ସହି ପାରିନଥିଲେ ବୋଧହୁଏ । ହୃଦଘାତରେ ଚାଲିଗଲେ ଅଫେରା ରାଇଜକୁ ।

ଭାଇ ନଥିବା ଘରକୁ ଯାଇ ଆଉ ଲାଭ କ'ଣ ! ସେଇଠି ଆଉ ମୁହଁ ଦେଖେଇବାକୁ ସାହସ ନଥିଲା । ଆହତ ଅଭିମାନରେ ଗୁମୁରି ଉଠୁଥିଲେ ବିବେକ ବାବୁ । ସେ ହିଁ ତ ଭ୍ରାତୃହନ୍ତା । ହେଲେ ଅମ୍ଳାନ ଓ ବୋହୂ ଯେମିତି ଟାକି ବସିଥିଲେ । ଡାହାଳ କୁକୁର ପରି ଝାମ୍ପି ନେଇଥିଲେ ଟଙ୍କାତକ । ଘର ତୋଳା ବି ସରିଗଲା । ହେଲେ ସେ ଜାଗାକୁ ଥରକ ପାଇଁ ଯାଇ ନଥିବା ବିବେକ ବାବୁ ଗୃହ ପ୍ରତିଷ୍ଠା ଦିବସରେ ଦେହ ଭଲ ଲାଗୁ ନାହିଁ ଏବଂ ଏତେ କୋଳାହଳକୁ ଯିବାକୁ ଇଚ୍ଛା ନାହିଁ ବୋଲି କହି ଗଲେ ନାହିଁ । ପତ୍ନୀ ରେଣୁକା ଏକା ଯାଇ ଫେରିଲେ ।

କେତେଜଣ ସାଙ୍ଗସାଥୀ ସହକର୍ମୀ ମାନଙ୍କ ମେଳରେ କିଛି ସମୟ କୌଣସି ମତେ କଟାଇ ଛାତିରେ କୋହ ଚାପି ଘରକୁ ଫେରିଲେ ସଦ୍ୟ ଅବସରପ୍ରାପ୍ତ କର୍ମଚାରୀ ବିବେକ ବାବୁ । ଏ ସରକାରୀ ଘରକୁ ନିଜ ଘର କହିବାକୁ ଆଉ ଯୁ ନାହିଁ । ଗେଟ୍ ପାଖରେ ସହକର୍ମୀ ଦୁଇଜଣ ଛାଡି ଦେଇଗଲେ । ଘର ସାମନାରେ ଡାଲା ଥିବା ଏ ଗାଡି ଆଣି କିଏ ଥୋଇଛି ! ବିସ୍ମୟ ସୂଚକ ଆଖିରେ ଥରେ ସେ ଗାଡି ଉପରକୁ ନଜର ପକେଇଲେ । ଡ୍ରାଇଭର ଚିହ୍ନା ବୋଲି ଲାଗୁଛି । ଆଖି ଫେରେଇ ଘର ଆଡକୁ ଚାହିଁଲେ ତ ପଛ ଆଡୁ ଶୁଭିଲା ' ଛୁଆବାପା' । ଆରେ ଏ ତ 'ଆନନ୍ଦ' ର ସ୍ୱର । କ୍ଷଣିକେ ଅଟକି ଗଲେ ବିବେକ ବାବୁ । – 'ଚାଲ ଛୁଆବାପା ଭାଇ ଭିତରେ ଅଛି' ପାଦ ଛୁଇଁବା ଭିତରେ କହିଲା ଆନନ୍ଦ ।

ବଡଭାଇଙ୍କ ଦୁଇ ପୁଅ ଆକାଶ ଓ ଆନନ୍ଦ ପ୍ରାୟ ଦୁଇ ବର୍ଷ ପରେ ଆସିଛନ୍ତି । ଖୁସିରେ ଯେମିତି ଦ୍ରବୀଭୂତ ହୋଇ ଯାଉଥିଲେ ବିବେକ ବାବୁ । ସବୁ ଦୁଃଖର ପରିସମାପ୍ତି ଏଇଠି ହୋଇ ଯିବକି ! ଘରେ ପାଦ ଦେଉଁ ଦେଉଁ ଆଉ ଦୁଇ ଯୋଡା ହାତ ଆସି ପାଦ ଛୁଇଁଲା । ଦୁଇ ଭାଇଙ୍କୁ ଏକାଥରେ କୁଣ୍ଢାଇ ଧରିଲେ ବିବେକ ବାବୁ । କଣ୍ଠ ବାଷ୍ପରୁଦ୍ଧ । 'ମୋ ପିଲେ..'ବୋଲି ଉଚ୍ଚାରଣ କରି ପାରିଲେ ବହୁ ଚେଷ୍ଟା କରି । ଭିତରୁ ପତ୍ନୀଙ୍କର କଇଁ କଇଁ କାନ୍ଦ ଶବ୍ଦ ଶୁଣି ପାରିଲେ ବିବେକ ବାବୁ ।

–' ଛୁଆବାପା, ଆଜି ରାତି ସୁଦ୍ଧା ଜିନିଷପତ୍ର ବନ୍ଧାବନ୍ଧି କାମ ସାରିଦେବା । କାଲି ସକାଳୁ ଆମେ ବାହାରିଯିବା, ହେଲା । ସେଥିପାଇଁ ଆମେ ଏକା ଥରକେ ଗାଡି ନେଇ ଆସିଛୁ ।' ଆକାଶର କଥା ଶୁଣି ବିବେକ ବାବୁ ଯେମିତି କିଂକର୍ତ୍ତବ୍ୟବିମୂଢ ହୋଇ ଠିଆ ହୋଇଥିଲେ । କ'ଣ କହିବେ କ'ଣ ନକହିବେ ବୋଲି ଭାବୁଥିଲେ ବୋଧହୁଏ ।

–'ଛୁଆବୋଉ ଫୋନ୍ କରିଥିଲେ ।ଆମେ ତାଙ୍କଠାରୁ ସବୁ ଶୁଣି ସାରିଛୁ । ତୁମେ ବ୍ୟସ୍ତ ହୁଅନାହିଁ ଛୁଆବାପା । ଆମେ ତ ତୁମ ପାଖରେ ଅଛୁ । ବାପା ବୋଉ ଆମକୁ କେତେଥର ଗୋଟିଏ କଥା କହୁଥିଲେ ।' ଛୁଆବାପା ତୁମର ଭାରି ସାଧାରଣ । ନିର୍ମାୟାଟା । ସେ ଆମର ବଡପୁଅ ।ତା ମନରେ କେବେ ଦୁଃଖ ଦେବ ନାହିଁ ।ତା ଅସୁବିଧାରେ ତୁମେ ଦୁହେଁ ଠିଆ ହେବ । ବିବେକ ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା ।

– ବାପା ବୋଉ ତ ନାହାନ୍ତି । ତୁମେ ଦୁହେଁ ଘରେ ରହିଲେ ଆମକୁ ଆଉ ବାପା ମା ଛେଉଣ୍ଡ ବୋଲି ଲାଗିବ ନାହିଁ ।ତୁମର ଦୁଇ ବୋହୂ,ନାତି ନାତୁଣୀ ମାନେ ତୁମ ବାଟ ଚାହିଁ ରହିଛନ୍ତି ଛୁଆ ବାପା – କହିଲା ଆନନ୍ଦ । ଭିତର ଘରୁ ଆହୁରି ଜୋରରେ କାନ୍ଦ ଶୁଭୁଥିଲା । ଅପୂର୍ବ ବାବୁ ବୋଧହୁଏ ସବୁକିଛି ବୁଝି ସାରିଥିଲେ ସେତେବେଳକୁ ...!!


+ଆଳି, କେନ୍ଦ୍ରାପଡା
ମୋ: ୮୨୪୯୭୯୯୯୬୧


# ଆଜିର କବିତା

## ପାରିବନି କିଛି କରି.....

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ନେହୁରା ହେଲି ମୁଁ ସମୟକୁ ଯେତେ
ପୋଛିଦେ ପିଛିଲା ସ୍ମୃତି
ଦିନେ ଯିଏ କେତେ ରଙ୍ଗ ବୋଳୁଥିଲା
ଆଜି ସେ ଅସହ୍ୟ ତାତି ।

ତପତ ଜୀବନ ତୃପ୍ତି ସେ ଚାହୁଁଛି
ତେବେ ବି ନିସ୍ତାର ନାହିଁ
ତଟିନୀ ସାଜିଛି ମରୀଚିକାମୟ
ତୃଷା ମେଣ୍ଟିବ ବା କାହିଁ ?

ମେଘ ନାହିଁ ଏଠି ଶୁଖିଲା ଆକାଶ
ଇନ୍ଦ୍ରଧନୁ ଦେଖା ନାହିଁ
ମନ ଉଦ୍ୟାନରୁ ମଳୟ ହଜିଛି
ସପନର ବାଟ ଚାହିଁ ।

ଅନୁରାଗ ଏଠି ବାଟବଣା ବୋଲି
ସମୟ ଦେଇଛି ଠେଲି
ଅବିର ମୁଠାଏ ପାଉଁଶ ପାଲଟେ
ବିଶ୍ୱାସ ହଜିଛି ବୋଲି ।

ଆକୁଳ ନୟନେ ସମୟ କହିଲା
ପାରିବନି କିଛି କରି
ପିଣ୍ଡରୁ ପରାଣ ଛାଡିଗଲା ପରେ
ସ୍ମୃତି ଯିବ ଅପସରି ।


+ଅଧାପିକା , ଦଶରଥ ପୁର,
ଯାଜପୁର,୭୫୫୦୦୧


## ଭୁଲି ନାହିଁ ମୁଁ କିନ୍ତୁ ....

### ଦୀପ୍ତିମୟୀ ବେହେରା



ନିଛାଟିଆ ଖରାବେଳଟାରେ
ଜନଶୂନ୍ୟ ରାସ୍ତାରେ
କଥା ହେଲାବେଳେ
ଆମେ ଦୁହେଁ
ନଥିଲା ରାଗ ରୁଷା
କି ମାନ ଅଭିମାନ ।
ସବୁଜ ଶ୍ୟାମଳ ବୃକ୍ଷଟା
ଦୂରରେ ଥିବା ପର୍ବତଟା
ପାଖରେ ଥିବା ପାର୍କଟା
ଚାହିଁଥିଲେ ଆମ ଆଡେ
ଦେଖୁଥିଲେ ଆମ
ପ୍ରେମ- ପ୍ରୀତି -ପ୍ରଣୟକୁ
ଶୁଣୁଥିଲେ ସତେ କି
ଆମ ଚୁପଚାପ କଥାକୁ
ଡେରି ଦେଇ କାନ ।
ଭାବୁଥିଲି ମୋର
ଭାଗ୍ୟକାଶେ....
ନାହିଁ ବଜ୍ରନାଦ କି
ଝଡ଼ ତୋଫାନ
ନାହିଁ କଳା ମେଘ
କି ବାଦଲ
ନାହିଁ ଅର୍ଥର କିଛି
ପ୍ରୟୋଜନ ।
କିନ୍ତୁ ବୁଝିବାକୁ
ଡେରି କରିଦେଲି
ତମର
ଛଳନାମୟ ରହସ୍ୟ
ଢାଙ୍କିଥିବା କୁହୁକର ଜାଲ
ତା ମଧ୍ୟେ ସ୍ୱାର୍ଥ ଅଭିଳାଷ ।
ଅବିଶ୍ୱାସ ପ୍ରତାରଣା
ଥିଲା ସିନା
ତୁମର
ପ୍ରତିଟି ଧମନୀରେ
ମୁଁ କିନ୍ତୁ ହଜିଯାଇ
ତୁମ ପ୍ରେମେ
ସାଇତି ରଖିଲି ତୁମକୁ
ମୋ ଛୋଟ ହୃଦୟରେ ।
ଆଖିଆଗେ ନାଚିଯାଏ
ସେଦିନର ସେଇକଥା
ପାଖେପାଖେ ସାଥି ହେଇ
କହିଥିବା ଅନେକ ବ୍ୟଥା
ଭୁଲିଗଲ ତମେ ସିନା
ଦେଇଥିବା ମିଠା ବାର୍ତ୍ତା
ଭୁଲି ନାହିଁ ମୁଁ କିନ୍ତୁ...
ସବୁ ମୋ ସ୍ମୃତିରେ ସାଇତା ।


+କୋଏଲ ନଗର,
ରାଉରକେଲା
ମୋ-୭୫୦୪୮୭୭୫୧୭




# ସେଦିନ ରଜ

## ଝରଣା ବାରିକ



ସେଦିନ ସିଏ ମୋ ପାଖରେ ବସିଥିଲା ଭାରି ଖୁସି ଥିଲା । ବହୁତ କଥା କହୁଥିଲା । ତା କଥା ଗୁଡାକ ଶୁଣି ମତେ ଭାରି କାନ୍ଦ ମାଡୁଥିଲା । ମିଛରେ ମିଛରେ ହସୁଥିଲି । ଦୁଃଖ ଲାଗୁଥିଲା ମତେ

ଭଗବାନ ମତେ ଏ ଗରିବ ଘରେ କାହିଁକି ଜନ୍ମ ଦେଲେ । ନାଁ ଗଣ୍ଡେ ପେଟ ପୁରା ଖାଇ ହେଉଛି ନାଁ ମନ ପସନ୍ଦର ଖଣ୍ଡେ ପିନ୍ଧି ହେଉଛି । ମନେ ଭାରି ଗାଳି ଦେଉଥିଲି ଭଗବାନଙ୍କୁ । ବାପାଙ୍କ ରୋଜଗାର କମ୍ ଯୋଗୁଁ ସବୁ ପର୍ବ ପର୍ବାଣୀରେ ଭଲ ଜାମା ଖଣ୍ଡେ ଦେଇ ପାରନ୍ତି ନାହିଁ । ସେଥିପାଇଁ ରାଗି ତ ପାରେନି ବହୁତ କାନ୍ଦେ । ବଡ଼ ଝିଅ ହେଇ ଥିବାରୁ ମୋ ଲାଗି ବହୁତ ପଇସା ଲାଗିବ ଜାମା ପେଣ୍ଟ କିଣିଲେ । ସେଥିପାଇଁ ଆସେନି । ମୋ ତଳେ ଥିବା ଭାଇ ଭଉଣୀଙ୍କ ପାଇଁ ଆସେ ମୋ ପାଇଁ ଆସେନି ବୋଲି ରଜ ଆସିଲେ ଭାରି ଦୁଃଖ ଲାଗେ ।

ତା ବାପାଙ୍କର ଗମେଣ୍ଟ ଚାକିରି । ଭଲ ଜାମା ପେଣ୍ଟ ପିନ୍ଧି ଭାରି ଫୁଲେଇ ହୁଏ ସେ । ଦେଖେଇ ଦେଖେଇ କହେ ଏ ଡ୍ରେସ୍‌ଟା କଟକ ସୋ ରୁମ୍‌ରୁ ଆଣିଛି । ଏତିକି ଟଙ୍କା ପଡ଼ିଲା । କମ୍ ଦାମ୍ ଡ୍ରେସ୍ ଦେଖେଇଲା ହେଲେ ମୋର ପସନ୍ଦ ହେଲାନି । ଏଇଟା ଆଣିଲି ।ଭଲ ଲାଗୁଛି କି ନାହିଁ କହିଲୁ । ହଁ ମାରି କି ମୁଁ କହେ ହଁ ଲୋ ବହୁତ ବଢ଼ିଆ ହୋଇଛି । ମତେ କହେ ତୁ ଆଣିବୁନି ? ହଁ ତୁ କ'ଣ କଟକ ଯାଇ କିଣି ପାରିବୁ ଏଇ ପାଖ ମାର୍କେଟ ରୁ ବୋଧେ ଆଣିବୁ ସେଇଠି ଏତେ ଭଲ ଡ୍ରେସ୍ ମିଳିବ ନାହିଁ । ମୁଁ ହସି ଦିଏ ? ମନେ ମନେ ଭାବେ ମୋ ପାଇଁ ତ ଯମା ଆସିବ ନାହିଁ ଆଉ ଭଲ ମନ୍ଦ ଖୋଜିବି କ'ଣ ।

ଏମିତିରେ ରଜ ଆସିଯାଏ, ରାଗ ରୁଷା ଅଭିମାନ ଭରା ମନକୁ ବୁଝାଏ । ରଜ ବୁଲେ ଦୋଳି ଖେଳେ, ପିଠା ଖାଏ ପାନ ଖାଏ ।

କାହାକୁ ଦୋଷ ଦିଏନି । ମୋ ବୋଉ କିନ୍ତୁ ମନ ଦୁଃଖ କରେ ମତେ କିଛି କହେନି । ଖାଲି ଏତିକି କହେ ଏ ରଜ ପର୍ବ ଭଳି ଦିନରେ ମୋ ଝୁଅକୁ ଜାମା ଖଣ୍ଡେ କିଣି ଦେଇ ପାରୁନି । ବାପା , ଜେଜେ ପାଟି କରି କହନ୍ତି ତାର ପରା ଏତେ ଜାମା ଗଦା ହେଇଛି ସେସବୁକୁ ପିନ୍ଧୁ । ପୁଣି ଆଣିବା ନାହିଁ । ମୋ ବୋଉ ଭାରି ଭଲପାଏ ମତେ ସମସ୍ତେ ତ ଭଲ ପାଆନ୍ତି କିନ୍ତୁ ମତେ ଲାଗେ ମୋ ବୋଉ ମତେ ଟିକେ ବେଶୀ ଭଲ ପାଏ । ରଜ ତିନିଦିନ ଯାକ କିଛି ବି କାମ କରେଇ ଦିଏ ନାହିଁ । ଯେତିକି ସମ୍ଭବ ମୋ ପସନ୍ଦ ର ଖାଇବା ତିଆରି କରେ । ବଳେଇ ବଳେଇ ମତେ ଖାଇବାକୁ ଦିଏ । ମନ ବୁଝେଇବା ପାଇଁ କହେ ହଁ ବା ଗୋଟିଏ ପଟେ ଦୁଃଖ ହେଲେ ଗୋଟିଏ ପଟେ ସୁଖ । ଏକାଠି ଦୁଇଟି ଯାକ ରୁହନ୍ତି ନାହିଁ କି ସବୁବେଳେ କାହାକୁ ଭଗବାନ ଦୁଃଖ ଦିଅନ୍ତି ନାହିଁ । ଦେଖିବୁ ତୋ ଭାଗ୍ୟରେ ବହୁତ ସୁଖ ଅଛି ଖାଲି ସମୟ ଆସୁ ଭଗବାନ ନିଶ୍ଚୟ ତତେ ଭଲରେ ରଖିବେ । ଏତେ ଡ୍ରେସ୍ ପିନ୍ଧିବୁ ଦେଖୁଥିବା ଲୋକେ ତତେ ଇର୍ଷା କରିବେ । ତାର ଏଇ କଥା ଗୁଡାକ ମତେ ସ୍ୱପ୍ନ ଭଳି ଲାଗେ । ମୁଁ କହେ ତୁ ଗଲୁ ଏଠୁ ମୁଁ ଏଗୁଡ଼ାକ ଶୁଣିବାକୁ ଭଲ ପାଏନି । କେତେବେଳେ ମୁଁ ଭଲରେ ରହିବି ଇଏ ସବୁ ଜାଣିଛି । ଆଜି ଦିନଟା କାଲିକି ନାହିଁ କିଏ ଦେଖିଛି କାଲି ମୁଁ ବଞ୍ଚି ଥିବିକି ନାହିଁ । ବୋଉ ହାତ ଉଚେଇ ମତେ ମାରିବା ପାଇଁ ଇସାରା କରେ ।

କାଲି ପରି ଲାଗେ ଏ ସବୁ ଦିନ ଗୁଡାକ !

ତଥାପି ମନରୁ ଲିଭିନି । ରଜ ଆସିଲେ ସବୁ ମନେ ପଡ଼ି ଯାଏ । ଆଖିରେ ନାଚି ଉଠେ ସେସବୁ ଦୃଶ୍ୟ ମାନ ।

ସେ ଦିନର ସେ କଥା ଏବେ ସତ ହେଇ ଯାଇଛି । ମୁଁ ବହୁତ ଭଲରେ ଅଛି । ମୋତେ ଦେଖେଇ ଦେଖେଇ ଦାମୀ ଡ୍ରେସ୍ ପିନ୍ଧୁଥିବା ଝିଅଟା ଏବେ ସ୍ୱାମୀ ପରିତ୍ୟକ୍ତା । ମୁଁ ଯେବେ ଗାଁକୁ ଯାଏ ମୋ ଗୋଡ଼ଠୁ ମୁଣ୍ଡ ଯାଏ ଅନେଇ ମତେ ଦେଖେ । ଆଉ କହେ ତୁ କେମିତି ଅଛୁ । ମୁଁ କହେ ମୋତେ ଦେଖିକି ଜାଣି ପାରୁନୁ , ମୁଁ ବହୁତ ଭଲରେ ଅଛି । ତା ଭଲ ମନ୍ଦ ପଚାରିଲେ କହେ , ହଁ ମୁଁ ବି ଭଲରେ ଅଛି । ମୁଁ କହେ ଏମିତି କଣ ଦିଶୁଛୁ ସିଏ କହେ ବୟସ ହେଲାଣି ସବୁ ଦିନେ କ'ଣ ସମାନ ଥିବି । ମତେ କଥା ଛଳରେ କହେ ତୁ କିନ୍ତୁ ପୁରା ହିରୋଇନ୍ ଭଳି ଦିଶୁଛୁ । ଆହୁରି ସୁନ୍ଦରୀ ହେଇ ଗଲୁଣି । ମୁଁ କହେ ହଁ ମୋର କଣ ।

ଚିନ୍ତା ଖାଇ ପି ଆରାମରେ ଅଛି ସେଥିପାଇଁ ମୋ ଚେହେରା ଝଟକୁଛି ।

ସେତେବେଳେ ମୋ ବୋଉ କଥା ମନେ ପକାଏ । ମୋ ବୋଉ ସେଦିନ ଠିକ କହିଥିଲା । କେବେ କାହାର ସମୟ ସମାନ ରହେ ନାହିଁ । ଗୋଟିଏ ପଟେ ସୁଖ ତ ଅନ୍ୟ ପଟେ ଦୁଃଖ ନିଶ୍ଚିତ ଆସିବ ।

ନିଜ ବଡଲୋକି ପଣିଆ କାହାକୁ ଦେଖେଇ ହେବା ନାହିଁ । କି କିଏ ଗରିବ ବୋଲି ତାକୁ ଥଟ୍ଟା ପରିହାସ କରିବା ନାହିଁ । ଆମେ କାହାକୁ ସୁଖ ଦେଇ ପାରିବା ନାହିଁ ସତ, ହେଲେ କାହା ମନରେ କଷ୍ଟ ଦେବାକୁ କେବେ ଚେଷ୍ଟା କରିବା ନାହିଁ ।


+ ସମଲ,
ତାଳଚେର, ଅନୁଗୋଳ
ମୋ:୯୫୫୬୮୪୬୯୩୨


# ସମସ୍ତେ ସଫଳ ହୁଅନ୍ତୁ

## ଶ୍ୱେତା ରାଉତ୍

ଅନେକ ସ୍ଥାନରେ ଦେଖାଯାଏ ଲୋକମାନେ ଯେତେବେଳେ ସଫଳ ହୁଅନ୍ତି, ସମୃଦ୍ଧ ହୁଅନ୍ତି, ସମସ୍ତଙ୍କୁ ନିଜ ସଙ୍ଘର୍ଷର କାହାଣୀ ଶୁଣାଇ ଥାନ୍ତି, କିନ୍ତୁ ଅନ୍ୟମାନଙ୍କୁ ତାଙ୍କ ସଫଳତାର ମନ୍ତ୍ର ଜଣାନ୍ତି ନାହିଁ । କେଉଁଠୁ ଭଲ ପୋଷାକ କିଣିଲେ, କେଉଁ ପ୍ରସାଧନ ଲଗେଇ ସୁନ୍ଦର ଲାଗୁଛନ୍ତି,କଣ ଖାଇ ସୁସ୍ଥ ଓ ନିରୋଗ ରହୁଛନ୍ତି, କେଉଁ ବହି ପଢି ଏତେ ଜ୍ଞାନ ଅର୍ଜନ କରୁଛନ୍ତି, କେମିତି ଏତେ ବଡ ଚାକିରି ପାଇଲେ, କିଏ ସହଯୋଗ କଲେ ଏକଥା କେହି କାହାକୁ ଜଣେଇବାକୁ ଚାହାନ୍ତି ନାହିଁ । ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ତ ଚାହାନ୍ତି କିନ୍ତୁ ଅନ୍ୟ ଆଗରେ ନିଜର ଶ୍ରେଷ୍ଠତ୍ୱ ବଜାୟ ରହୁ, ଆଉ କେହି ମୋ ଉପରକୁ ନଯାଉ ଏ ଭାବନା ସବୁବେଳେ ମନରେ ଥାଏ ।ଛୋଟ କଥାଟିଏ ଆପଣ ନିଶ୍ଚୟ ଦେଖିଥିବେ କୌଣସି ସୁନ୍ଦର ନାରୀକୁ ଆପଣ ପଚାରନ୍ତୁ କେଉଁ କ୍ରିମ ଲଗାଉଛ,ସେ ଲଗାଉଥିବେ ଗୋଟେ କହିବେ ଆଉ ଗୋଟେ । ନିଜ ପିଲାର ମାର୍କ ଓ ସଫଳତା ଉପରେ ଖୁବ୍ ଗପୁଥିବା ମାଆକୁ ଆପଣ ପଚାରିଲେ ସେ କେଉଁଟି ଟିୟୁସନ ଯାଉଥିଲା, କିଭଳି ପଢୁଥିଲା ମୋ ଝିଅକୁ ସେଠି ପଢିବାକୁ ଛାଡନ୍ତି, ସେ ଆଦୌ କହିବେ ନାହିଁ, ବରଂ ଟିୟୁସନ୍ ଯାଉନଥିଲା କହିଦେବେ ।

ବଡ ଅଜବ ଆମ ସମାଜ । ଏଠି ସମସ୍ତେ ନିଜର ପାରିବାପଣିଆ ତ ଦେଖାନ୍ତି, ହେଲେ ଅନ୍ୟକୁ ଆଗକୁ ବଢ଼ିବାକୁ ଦିଅନ୍ତି ନାହିଁ ବରଂ କଙ୍କଡା ଭଳି ଗୋଡ଼ ଟାଣନ୍ତି । ଆମେ ବୁଝିବା ଉଚିତ୍ ଯଦି ଆମ ଆଖ ପାଖର ଲୋକ ଅଜ୍ଞାନୀ ରହିଥିବେ, ତେବେ ଆମ ଜ୍ଞାନର ମହତ୍ତ୍ୱକୁ ବୁଝିବେ କେମିତି ? ଆମ ଜ୍ଞାନକୁ ବୁଝିବାକୁ ଅନ୍ୟମାନେ ବି ଜ୍ଞାନୀ ହେବା ଦରକାର । ଆପଣ ଇଂରାଜୀ କହି ନିଜକୁ ଯେତେ ଉଚ୍ଚ ଶିକ୍ଷିତ ଦେଖାଇ ହୁଅନ୍ତୁ, ନବୁଝି ପାରୁଥିବା ବ୍ୟକ୍ତି ଉପରେ କିଛି ପ୍ରଭାବ ପଡ଼ିବ ନାହିଁ ।ଯେଉଁ ସଫଳତାର ସାର୍ଟିଫିକେଟ ପାଇଁ ଆମେ ଗର୍ବ କରିଥାଉ, ପାନ ଦୋକାନୀଟେ ପଢି ନପାରିଲେ,ତା ପାଇଁ କେବଳ ଖଣ୍ଡେ କାଗଜ ମାତ୍ର । ସେଥିରେ ସେ ଲୋକଙ୍କୁ ପାନ ଗୁଡ଼ାଇ ଦେଇଦେବ ।

ଥରେ ମୁଁ ମୋ ଶାଶୁଙ୍କୁ ଖୁସି ହୋଇ ରାଜ୍ୟପାଳଙ୍କୁ ଭେଟିବା ଓ ରାଜଭବନର କଥା କହିଲି ସେ ଖୁସି ହେବେ ବୋଲି । ସେ ଖୁସି ତ ହେଲେ କିନ୍ତୁ ମତେ ପଚାରିଲେ ରାଜ୍ୟପାଳ କଣ ? ସେ କିଏ ? କେତେ ଅଜଣା ସେ କୁନି ପିଲାପରି । ଯଦି ବୁଝି ପାରିଥାନ୍ତେ, ହୁଏତ ଖୁସି ହୋଇଥାନ୍ତେ ! ମୋର ସ୍ୱରଚିତ ବହିଗୁଡିକୁ ନେଇ ଯେତେବେଳେ ତାଙ୍କୁ ଦିଏ, ସେ ଖୁବ୍ ଶ୍ରଦ୍ଧାରେ ବହିରେ ଥିବା ମୋ ଫଟୋ ଦେଖି ଖୁସି ହୁଅନ୍ତି, କିନ୍ତୁ ପଢ଼ି ପାରନ୍ତି ନାହିଁ ବୋଲି,ସେ ବହିରେ କଣ ଲେଖିଛି ତାର ମୂଲ୍ୟ ବୁଝି ପାରନ୍ତି ନାହିଁ । ତେଣୁ କେବଳ ଆମେ ଶିକ୍ଷିତ ହେଲେ ହେବ ନାହିଁ,ଆମ ସମାଜରେ ସମସ୍ତେ ଶିକ୍ଷିତ ହେଲେ ଯାଇ ଆମ ଜ୍ଞାନର ମର୍ଯ୍ୟାଦା ବଢ଼ିବ । ନହେଲେ ଆମକୁ ନିଜ ସଫଳତାରେ କେବଳ ନିଜକୁ ଖୁସି ହେବାକୁ ପଡ଼ିବ । ଯୁଦ୍ଧ କରିବାକୁ ଯିବାବେଳେ ଯଦି ବିପକ୍ଷରେ ଜଣେ ଦୁର୍ବଳ ବୃଦ୍ଧ ବ୍ୟକ୍ତି ଠିଆ ହୋଇଥାନ୍ତି, ଆପଣ କଣ ଯୁଦ୍ଧ କରିବେ । ବିପୁଳ ସାମର୍ଥ୍ୟ ଥାଇ ମଧ୍ୟ ଅସ୍ତ୍ର ତଳକୁ କରି ଠିଆ ହେବାକୁ ବାଧ ହେବେ । ତେଣୁ ପ୍ରତିଯୋଗୀ ମଧ୍ୟ ବଳଶାଳୀ ହେବା ଜରୁରୀ ।

# ସମ୍ପର୍କର ରଙ୍ଗ



ଆମେ ଯେତେ ଉପରକୁ ଯିବା, ସଫଳତା ପ୍ରାପ୍ତ କରିବା ତାହା ସେତେବେଳେ ଫଳପ୍ରଦ ହୁଏ ଯେତେବେଳେ ଆମେ ତାକୁ ଅନ୍ୟର ସଫଳତା ପାଇଁ ପ୍ରୟୋଗ କରିବା ।ସମସ୍ତଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଲେ,ସଫଳତାର ମାର୍ଗ ଦେଖାଇଲେ ଈଶ୍ୱର ଆମର ଅନ୍ତିମ ମାର୍ଗକୁ ଖୁବ୍ ପୁଲକିତ କରିଥାନ୍ତି । ତେଣୁ ଚାଲନ୍ତୁ ଆମେ ସମସ୍ତଙ୍କୁ ସଫଳତାର ମନ୍ତ୍ର ବାଣ୍ଟିବା ଓ ଆଗକୁ ଯିବାକୁ ପ୍ରେରଣା ଦେବା ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଦାଦନ ଯିବାକୁ ବନ୍ଧାପଡ଼ିଛି ରାସନ କାର୍ଡ: ମିଳୁନି ମନ୍‌ରେଗା କାମ

ଭବାନୀପାଟଣା, ୮/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲାରେ ମିଳୁନି କାମ । ଅଭାବଗ୍ରସ୍ତ ଲୋକେ କାମ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । କୁନାଗଡ଼ ବ୍ଲକ ମିଚାଗାଁର ଧର୍ମାନନ୍ଦ ଦୁର୍ଗା ନିଜ ରାସନ କାର୍ଡକୁ ୨ ହଜାର ଟଙ୍କାରେ ବନ୍ଧାପକାଇ ତାମିଲନାଡୁକୁ ଦାଦନ ଖଟିଯିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟିକରିଛି । ଅନ୍ୟପକ୍ଷରେ ଲୋକଙ୍କୁ କାମ ଯୋଗାଉଥିବା ମନରେଗା ଯୋଜନାର ୬ ଲକ୍ଷରୁ ଅଧିକ ଟଙ୍କା ସରକାରୀ ବାବୁମାନେ ହଡ଼ପ କରିଥିବା ବେଳେ ଏଥି ମଧ୍ୟରୁ ୨ ଲକ୍ଷରୁ ଅଧିକ ଟଙ୍କା ଏବେ ମଧ୍ୟ ସେମାନଙ୍କ ନାମରେ ଗଚ୍ଛିତ । କଳାହାଣ୍ଡି ଜିଲ୍ଲା କୁନାଗଡ଼ ବ୍ଲକ୍ ଆଟିଗାଁ ପଞ୍ଚାୟତ ମିଚାଗାଁର ଧର୍ମାନନ୍ଦ ଦୁର୍ଗା କାମଧନ୍ଦା ପାଉ ନଥିବା ଯୋଗୁ ସେ ୨ ହଜାର ଟଙ୍କାରେ ନିଜ ରାସନକାର୍ଡ ବନ୍ଧା ପକାଇ ତାମିଲନାଡୁ ତିରୁପୁରରେ ଦାଦନ ଖଟିବା ପାଇଁ ଯାଇଛନ୍ତି । ତାଙ୍କ ସହ ପତ୍ନୀ ନମିତା ଓ ଛୋଟ ପୁଅ ମଧ୍ୟ ଯାଇଛନ୍ତି । ଜବକାର୍ଡ କିମ୍ବା ଆବାସ ଯୋଜନା ପ୍ରକୃତ ହିତାଧିକାରୀଙ୍କୁ ମିଳୁ ନଥିବା ବେଳେ ଏହାକୁ ମୁଖ୍ୟ ପ୍ରସଙ୍ଗ କରି ଧର୍ମାନନ୍ଦଙ୍କ ପତ୍ନୀ ନମିତା ଦୁର୍ଗା ଗତ ପଞ୍ଚାୟତ ନିର୍ବାଚନରେ ଆଟିଗାଁ ପଞ୍ଚାୟତରେ ସରପଞ୍ଚ ପଦବି ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେତେବେଳେ ସେ ଚର୍ଚ୍ଚା ଘେରକୁ ଆସିଥିଲେ । ବର୍ତ୍ତମାନ ନିଜ ପରିବାର ପ୍ରତିପୋଷଣ ପାଇଁ ୨ ହଜାର ଟଙ୍କାରେ ରାସନକାର୍ଡ ବନ୍ଧା ପକାଇ ତାମିଲନାଡୁ ଦାଦନ ଖଟିଯିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି । ଲୋକଙ୍କୁ କାମ ଯୋଗାଇବା ପାଇଁ ମନରେଗା ଯୋଜନା ହୋଇଥିଲେ ମଧ୍ୟ ଏହି ଯୋଜନା ଏବେ ମୂଳ ଉଦ୍ଦେଶ୍ୟରୁ ବାଟବଣା ହେବାରେ ଲାଗିଛି । ଗତ ୩ ମାସ ଧରି ଜବ୍‌କାର୍ଡରେ କାମ କରିଥିବା ଶ୍ରମିକଙ୍କ ପ୍ରାପ୍ୟ ମିଳିପାରି ନାହିଁ । ଅନ୍ୟପଟେ କଳାହାଣ୍ଡି ଜିଲ୍ଲାରେ ସରକାରୀ ବାବୁମାନେ ୬ ଲକ୍ଷ ୩ ହଜାର ୩୨୫ ଟଙ୍କା ମନରେଗା ଅର୍ଥ ହଡ଼ପ କରିଥିବା ସୋସିଆଲ ଅଡିଟରେ ଗୁମର ଖୋଲିଥିଲା । ଏହା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଖୋଳତାଡ଼ କରି ତୁରନ୍ତ ଟଙ୍କା ଭରଣା ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରି ଚିଠି କରାଯାଇଥିଲା । ଏହା ପରେ ସରକାରୀ ଅଧିକାରୀମାନେ ବିକଳ ହୋଇ କାର୍ଯ୍ୟାନୁଷ୍ଠାନ ଭୟରେ ଟଙ୍କା ଫେରସ୍ତ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ମଧ୍ୟ ୨ ଲକ୍ଷ ୫ ହଜାର ୯୨୯ ଟଙ୍କା ଭରଣା ନହୋଇ ସରକାରୀ ବାବୁଙ୍କ ପାଖରେ ପଡ଼ିରହିଛି । ବର୍ତ୍ତମାନ ମଧ୍ୟ ଭବାନୀପାଟଣା ସଦର ବ୍ଲକରେ ୨୨ ହଜାର ଟଙ୍କା, ଧର୍ମଗଡ଼ ବ୍ଲକରେ ୩୪ ହଜାର ୫୬୩ ଟଙ୍କା, କୁନାଗଡ଼ ବ୍ଲକରେ ୨୧ ହଜାର ୨୪୮ ଟଙ୍କା, କଲମପୁର ବ୍ଲକରେ ୨୩୫୮୦ ଟଙ୍କା, କର୍ଲାମୁଣ୍ଡା ବ୍ଲକରେ ୨୭ ହଜାର ୪୪୧ ଟଙ୍କା, କେସିଙ୍ଗା ବ୍ଲକରେ ୨୫ ହଜାର ୯୩୮ ଟଙ୍କା, କୋକସରା ବ୍ଲକରେ ୧୬ ହଜାର ଟଙ୍କା, ଲାଞ୍ଜିଗଡ଼ ବ୍ଲକରେ ୧୪ ହଜାର ଟଙ୍କା ବକେୟା ରହିଛି । ଜିଆରଏସ୍, ପିଇଓ, ସରପଞ୍ଚ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ବିଡିଓଙ୍କ ଦ୍ୱାରା ମନରେଗା ଯୋଜନା ଟଙ୍କା ହଡ଼ପ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଜିଲ୍ଲାରେ ଲୋକେ କାମ ନପାଇ ରାସନ କାର୍ଡ ବନ୍ଧାପକାଇ ଦାଦନ ଖଟିବାକୁ ଯାଉଥିବାବେଳେ ଅନ୍ୟପଟେ ସରକାରୀ ବାବୁମାନେ ମନରେଗା ଯୋଜନା ଅର୍ଥକୁ ବାଟମାରଣା କରି ପକେଟରେ ଭରୁଥିବା ଘଟଣା ସାଧାରଣରେ କ୍ଷୋଭ ସୃଷ୍ଟିକରିଛି । କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଯୋଗୁ ସରକାରୀ ବାବୁମାନେ ବେପରୁଆ ଭାବେ ସରକାରୀ ଅର୍ଥକୁ ଖୁଲମଖୁଲା ଲୁଟ୍ କରୁଥିବା ଆଲୋଚନା ହେଉଛି । ମନରେଗା ଯୋଜନା ପୋଖରୀ ଖୋଳାରେ ମୃତ୍ତିକା ସଂରକ୍ଷଣ ବିଭାଗ ଓ ବନ ବିଭାଗ ବ୍ୟାପକ ହରିଲୁଟ୍ କରିଥିଲେ ମଧ୍ୟ ପ୍ରଶାସନ ନିରବ ସାଜିବା ଘଟଣା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି ।

# ଏଆଇଟିୟୁସି କାର୍ଯ୍ୟକର୍ତ୍ତା କର୍ମଶାଳା

ଜୟପୁର, ୮/୦୨ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଏଆଇଟିୟୁସି ଅନୁବନ୍ଧିତ ଶ୍ରମିକ ସଂଗଠନ ମାନଙ୍କ ର କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା , କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାରୁ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାଙ୍କ ଏହି କର୍ମଶାଳାରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ସଭାପତିତ୍ୱରେ କରିଥିଲେ । ଏଆଇଟିୟୁସି ର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ଙ୍କ ଅବିଭାଜିତ କୋରାପୁଟ ଜିଲ୍ଲା ଏଆଇଟିୟୁସି ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧନା କରାଯାଇଥିଲା । ଏହା ପରେ କାଗଜ କଳର ପୂର୍ବତନ ଶ୍ରମିକ ନେତା ଦିବଙ୍ଗତ ଦୁର୍ଯ୍ୟୋଧନ ମହାନ୍ତି ଓ ଇହଧାମ ତ୍ୟାଗ କରିଥିବା ଅନ୍ୟ ଶ୍ରମିକ ନେତା ଙ୍କ ସ୍ମୃତି ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଭାରତ ବର୍ଷର ପ୍ରଥମ ଶ୍ରମିକ ସଂଗଠନ ଏଆଇଟିୟୁସି କୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମଜବୁତ୍ କରିବା ସହ ଶ୍ରମଜୀବୀ ଜନଗଣଙ୍କ ଦାବି କୁ ନେଇ ଗଣ ଆନ୍ଦୋଳନକୁ ମଜବୁତ୍ କରିବା । ଏହି କର୍ମଶାଳା କୁ ସମ୍ବୋଧନ କରି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା କହିଛନ୍ତି ଯେ ଦେଶରେ ମୋଦୀ ସରକାର ଆସିବା ପରଠାରୁ ଶ୍ରମିକ ମାନଙ୍କ ଅଧିକାର ଖର୍ବ କରିବାରେ ଲାଗିଛନ୍ତି । ବିମୁଦ୍ରାୟନ, ଭୁଲ୍ ଜିଏସଟି ନିତୀ ଏବଂ କୋରୋନା ମହାମାରୀ ଯୋଗୁଁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କୁ କାମ ଧନ୍ଦା ମିଳିବା କମିଯାଇଥିବା ବେଳେ ଦରଦାମ୍ ନିୟନ୍ତ୍ରଣ କରିବାରେ ମୋଦୀ ସରକାର ବିଫଳ ହୋଇଛି । ଚଳିତ ବଜେଟରେ ଅନୁଦାନ ବଢ଼ିଲେ ଅଙ୍ଗନବାଡ଼ି,ଆଶା କର୍ମୀ , ପାଚିକା ମାନଙ୍କ ର ଦରମା ଭତା ବଢିବା ଆଶା କରାଯାଉଥିଲା କିନ୍ତୁ ବଜେଟ ନୈରାଶ୍ୟଜନକ ହୋଇଛି । କର୍ମ ନିଯୁକ୍ତି ସୃଷ୍ଟି ପାଇଁ କୌଣସି ଯୋଜନା ନାହିଁ । ବହୁତ ପ୍ରଚାର ଚାଲିଛି ଇନକମ ଟାକ୍ସ ସାତ ଲକ୍ଷ କୁ ବୃଦ୍ଧି କରାଗଲା କିନ୍ତୁ ସେତିକି ରୋଜଗାର ବହୁତ କମ୍ ଲୋକଙ୍କର ହେଉଥିବା ବେଳେ ଅଧିକାଂଶ ଲୋକ ଙ୍କ ଉପରେ ଟିକସ ବୋଝ ଲଦି ଦିଆଯାଉଛି । ବ୍ୟାଙ୍କ, ଏଲ୍ ଆଇ ସି, ପ୍ରତିରକ୍ଷା,ବନ୍ଦର ବିମାନନ କ୍ଷେତ୍ରକୁ ଘରୋଇ କରଣ କରି ଅମ୍ବାନୀ ଆଦାନୀ କୁ ଧନୀ କରିବାରେ ଲାଗିଛନ୍ତି । ଓଡ଼ିଶାରେ ସରକାର ଶିଳ୍ପାୟନର ବହୁଳ ପ୍ରଚାର କରୁଥିବା ବେଳେ ବନ୍ଦ ଥିବା କଳକାରଖାନା ଗୁଡିକ ଚଲେଇବା ପାଇଁ ପଦକ୍ଷେପ ନାହିଁ । ଜୟପୁର ର ଏକ ମାତ୍ର ବୃହତ ଶିଳ୍ପ ସେବା କାଗଜ କଳ ଅତି ସାଂଘାତିକ ଅବସ୍ଥାରେ ଅଛି । ଶ୍ରମିକ ମାନଙ୍କୁ ଅଧା ଦରମା ଦିଆଯାଉଛି, ଅବସରପ୍ରାପ୍ତ ଶ୍ରମିକ ମାନେ ପିଏଫ,ପେନସନ ବକେୟା ପାଉଣା ପାଉନାହାନ୍ତି, ଅତି ଆଶ୍ଚର୍ଯ୍ୟର କଥା ହେଲା ସବୁ କଥାକୁ ମ୍ୟାନେଜମେଂଟ ୫,୫୦୦ ଟନ୍ ଉତ୍ପାଦନ ସହ ଯୋଡୁଥିବା ବେଳେ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲ ଆଣୁ ନାହିଁ । ଏ ସମ୍ପର୍କରେ ରାଜ୍ୟ ଏଆଇଟିୟୁସି ମୁଖ୍ୟ ଶାସନ ସଚିବ ଙ୍କ ପାଖରେ ଦାବି ଉପସ୍ଥାପନ କରିବ ଏବଂ ରାଜ୍ୟ ରେ ବନ୍ଦ ଥିବା ସମସ୍ତ କଳକାରଖାନା ଖୋଲିବା ପାଇଁ ଆନ୍ଦୋଳନ କରିବ । ଆଗାମୀ ଫେବୃଆରୀ ୧୧,୧୨ ରେ ହୀରାକୁଦ ଠାରେ ଏଆଇଟିୟୁସି ର ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନିଆଯିବ । ଆଜିର କର୍ମଶାଳାକୁ ସିପିଆଇ ନେତା ଶ୍ରୀ ରାମକୃଷ୍ଣ ଦାସ ଶୁଭେଚ୍ଛା ଜଣାଇଥିଲେ ଏବଂ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସଂଗଠନ ବିଷୟରେ ମତ ରଖିଥିଲେ । ଏକ ୧୯ ଜଣିଆ ଆଡହକ୍ କମିଟି ଗଠନ କରାଯାଇଛି ଏବଂ ଏହାର ଆବାହକ ପ୍ରମୋଦ କୁମାର ମହାନ୍ତି ରହିଛନ୍ତି । ବ୍ଲକ ସ୍ତରରୁ ସଂଗଠନ କାର୍ଯ୍ୟକୁ ବ୍ୟାପକ କରିବା ସହିତ ଆଗାମୀ ଦିନରେ ବିଧିବଦ୍ଧ ଜିଲ୍ଲା ସମ୍ମିଳନୀ କରିବା ପାଇଁ ଏହି କମିଟି କାମ କରିବ । ଆଜିର ସଭାରେ ଅଙ୍ଗନବାଡ଼ି , ଆଶା ,ପାଚିକା , ଜବ୍ କାର୍ଡ ଧାରୀ ଶ୍ରମିକ, କାଗଜ କଳ, ପିଡବ୍ଲୁଡି, ନିର୍ମାଣ ଶ୍ରମିକ ଆଦି ସଂଗଠନର କାର୍ଯ୍ୟକର୍ତ୍ତା ମାନେ ଯୋଗଦାନ କରିଥିଲେ । ସଭାରେ ଶ୍ରୀ ଉତ୍ତମ ମଲ୍ଲିକ, କଲ୍ୟାଣୀ ସାହୁ , ବଳରାମ କୁସଲିଆ , ଦୁର୍ଗା ପ୍ରସାଦ,ଶାବାନୀ ଦୁର୍ଗା , ସୁକୁ ଜାନୀ , ତ୍ରିପତି ମାଝୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ବଲାଙ୍ଗୀର ଜିଲ୍ଲାରେ ଫେବୃଆରୀ ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗୀର, ୮/୦୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ୧୦ଗୋଟି ବ୍ଲକ ଓ ୪ଗୋଟି ସହରାଂଚଳରେ ଚଳିତ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ଆଜି ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କୁବେର ଚନ୍ଦ୍ର ମହନ୍ତ ଏହି ସୂଚନା ଦେଇଛନ୍ତି । ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକାରୀ କରାଯାଉଥିବା ବ୍ଲକଗୁଡ଼ିକ ହେଲା ଆଗଲପୁର, ବେଲପଡ଼ା, ବଲାଙ୍ଗୀର, ଦେଓଗାଁ, ପାଟଣାଗଡ଼, ଗୁଡ଼ଭେଲା, ପୁଇଁତଲା, ଖପ୍ରାଖୋଲ, ଲୋଇସିଂହା ଓ ତୁରେକେଲା । ସେହିପରି ସହରାଂଚଳଗୁଡ଼ିକ ହେଲା ବଲାଙ୍ଗୀର ପୌରାଂଚଳ, ପାଟଣାଗଡ଼, କଂଟାବାଞ୍ଜି ଓ ତୁଷୁରା ବିଜ୍ଞାପିତ ଅଂଚଳ ପରିଷଦ । ଏହି ସମୟ ମଧ୍ୟରେ ଜିଲ୍ଲାର ୧୩ ଲକ୍ଷ ୧୯ ହଜାର ୭୫ ଜନସଂଖ୍ୟାକୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ । ଏଥିସକାଶେ ୫୨୭୬ ଜଣ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ଏବଂ ୫୨୮ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ । ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ । ଡିଇସି ବଟିକା ଓ କୃମିନାଶକ ବଟିକା ନିୟୋଜିତ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପରିବାରର ସଦସ୍ୟ ସଦସ୍ୟାମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ । ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଜୀବୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ଼ ପାରାସାଇଟମାନେ ନିସ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି ଏବଂ ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ବୋଲି ଡ଼ ମହନ୍ତ ସୂଚନା ଦେଇଥିଲେ । ଏ ସମ୍ପର୍କରେ ଜିଲ୍ଲାରେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ପ୍ରଦାନ, ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ, ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଏବଂ ମାଇକ୍ରୋପ୍ଲାନ ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ସେ ସୂଚନା ଦେଇଥିଲେ । ଜନସଚେତନତା ନିମନ୍ତେ ଏ ସମ୍ପର୍କିତ ଲିଫଲେଟ ବଂଟନ ଓ ବିଦ୍ୟାଳୟଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ବିଦ୍ୟ କିଶୋର ପତି, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସିଦ୍ଧେଶ୍ୱର ମାଝୀ, ଡ. ନମିତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ବଲାଙ୍ଗୀରର ଜିଲ୍ଲା ସଂଯୋଜକ ସୁରେଶ କୁମାର ସ୍ୱାଇଁଙ୍କ ସମେତ ପ୍ରିଂଟ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଏୟୁସିସିବ୍ୟାଙ୍କ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ମାର୍କଫେଡ ନିର୍ଦ୍ଦେଶକ ହେଲେ

ଭୁବନ, ୮/୦୨ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳାର ପୂର୍ବତନ ସରପଂଚ, ବିଶିଷ୍ଟ ସମାଜସେବୀ, ପରୋପକାରୀ ତଥା ସମବାୟବିତ୍ ଅଭିମନ୍ୟୁ ବେହେରା ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟିକ ସଂଘ(ମାର୍କଫେଡ), ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି । ଏହି ଘଟଣା ଜଣାପଡିବା ପରେ ସମଗ୍ର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଆନନ୍ଦ ପ୍ରକାଶ ପାଉଛି । ଶ୍ରୀ ବେହେରା ପର୍ଜଙ୍ଗ, କଙ୍କଡାହାଡ ଓ ଭୁବନ ବ୍ଲକକୁ ନେଇ ଗଠିତ ୧୮ ନମ୍ବର ଭୁବନ ଜୋନ ନିର୍ଦ୍ଦେଶକଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାପରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି , ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ପର୍ଜଙ୍ଗ ବିଧାୟକ ଡା.ନୃସିଂହ ଚରଣ ସାହୁଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ପର୍ଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ଯୋଗୁ ତାଙ୍କର ବିଜୟ ହୋଇଛି । ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁଜନତା ଦଳର ଜଣେ ସକ୍ରିୟ କର୍ମୀଭାବେ ଦୀର୍ଘ ୨୫ ବର୍ଷ ହେଲା କାମ କରୁଛନ୍ତି ଓ ଏହାପୂର୍ବରୁ ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କଲିଃରେ ମଧ୍ୟ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ ।

## ଅନନ୍ତ ବାସୁଦେବ ମନ୍ଦିରରୁ ଚନ୍ଦନ ଗଛ ଚୋରି

କୋରାଇ, ୮/୦୨ (ନି.ପ୍ର): ଭୁବନେଶ୍ୱରପୁର ପଂଚାୟତ ଅନ୍ତର୍ଗତ କଳରାମପୁର ଗ୍ରାମର ବୁଢ଼ାନଦୀ କୂଳରେ ଥିବା ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଥିବା ଚନ୍ଦନ ଗଛକୁ କେହି ଦୁର୍ବୃତ୍ତ ରାତ୍ରୀ ସମୟରେ କାଟି ଚୋରି କରିବା ନେଇ ଥାନାରେ ଅଭିଯୋଗ ହୋଇଛି । ମନ୍ଦିର କମିଟି ପକ୍ଷରୁ ଭଗତପୁର ଗ୍ରାମର ଶିବ ପ୍ରସାଦ ସାହୁ ଏନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଲକ୍ଷାଧିକ ଟଙ୍କାର ଏକ ଚନ୍ଦନ ଗଛ ଅନନ୍ତ ବାସୁଦେବ ମନ୍ଦିର ପରିସରରେ ଥିଲା । ମେସିନ ସାହାଯ୍ୟରେ କାଟି କେହି ରାତ୍ରୀ ସମୟରେ ଚୋରି କରିଥିବା ବେଳେ ଗଛ ଡାଳଗୁଡ଼ିକ ମନ୍ଦିର ପରିସରରେ ପଡ଼ିରହିଛି । ଏନେଇ ତଦନ୍ତ କରାଯାଇ ଦୁର୍ବୃର୍ତ୍ତଙ୍କୁ ଚିହ୍ନଟ କରିବା ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ଦିର କମିଟି ପକ୍ଷରୁ କୁହାଯାଇଛି ।

## ପୁରୀ ଜିଲ୍ଲା ଓଏଏସ ସଂଘ ବୈଠକ

ପୁରୀ, ୮/୦୨ (ନି.ପ୍ର): ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷ, ପୁରୀ ଠାରେ ଜିଲ୍ଲା ଓଏଏସ ଅଧିକାରୀ ସଂଘର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ସଂଘର ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବା ସହ ସଂଘର ପୁର୍ନଗଠନ କରାଯାଇଥିଲା । ନୂତନ କମିଟି ଗଠନ ସହ ସଦସ୍ୟ ମାନଙ୍କର କଲ୍ୟାଣ ଓ ସୁରକ୍ଷା ପାଇଁ ସଂଘର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ରାଜ୍ୟ ସ୍ତରରେ ଓଏଏସ ଆସୋସିଏସନର ସ୍ୱଳ୍ପ ରହଣି ପାଇଁ ଜମି ଚୂଡାନ୍ତ ହୋଇଛି । ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଆସୋସିଏସନ ବୈଠକରେ ଆଲୋଚନା ପାଇଁ ବିବିଧ ପ୍ରସ୍ତାବ ଦିଆଯାଇଛି । ସଦସ୍ୟ ମାନଙ୍କର ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା ଏବଂ ସେହି ଅନୁଯାୟୀ ସଂକଳ୍ପ ପାରିତ ହୋଇଥିଲା ।

## ଧର୍ମଶାଳା ପଂଚାୟତ ସମିତି ବୈଠକ : ପାନୀୟ ଜଳ ଉପରେ ଗୁରୁତ୍ୱ

ଧର୍ମଶାଳା, ୮/୦୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ଏକ ସ୍ୱତନ୍ତ୍ର ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ବଳଙ୍କ ସଭାପତିତ୍ୱରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଥିବା ପଂଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱତନ୍ତ୍ର ବୈଠକରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇ ନିର୍ବାଜନ ମଣ୍ଡଳୀରେ ସମସ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଆଗକୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଉପରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା, ବରିଷ୍ଠ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି,ସୁଧାଂଶୁ ସାହୁ, ଭାଗ୍ୟଧର ସେଠୀ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା,ସ୍ମୃତିରେଖା ବେହେରା ପ୍ରମୁଖ ଯୋଗ ଦେଇ ନିଜ ନିଜ ଅଂଚଳର ସମସ୍ୟାକୁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ସରପଂଚ,ସମିତିସଭ୍ୟ/ସଭ୍ୟା, ବିଦ୍ୟୁତ ବିଭାଗର ବରିଷ୍ଠ ଯନ୍ତ୍ରୀ,ପାନୀୟ ଜଳ ବିଭାଗର ଯନ୍ତ୍ରୀ,ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ଜିଲ୍ଲା ସ୍ତରୀୟ ୪ ଦିନିଆ କୃଷି ଯନ୍ତ୍ରପାତି ମହୋତ୍ସବ ଉଦ୍‌ଘାଟିତ

ପୁରୀ, ୮/୦୨ (ନି.ପ୍ର): ପୁରୀ ଶରଧାବାଲି ଠାରେ ୪ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମହୋତ୍ସବ ଆଜି ଅପରାହ୍ନ ରେ ଉଦଘାଟିତ ହୋଇ ଯାଇଛି ।ଏହାକୁ ଉଦଘାଟନ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କୃଷି ଓ କୃଷକର ବିକାଶ ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ ।କର୍ଣ୍ଣାଟକ ପରେ ଓଡ଼ିଶା ଦ୍ୱିତୀୟ ରାଜ୍ୟ ଯିଏ କୃଷି ବଜେଟ ଉପସ୍ଥାପନ କରୁଛି ।୨୦୦୦ ରୁ ୨୦୨୩ ମଧ୍ୟରେ କୃଷି ବଜେଟ ରେ ୬ ଗୁଣା ବଢ଼ିଛି ।କାଳିଆ, ବଳରାମ ଯୋଜନା କୃଷକ ମାନଙ୍କ ପାଇଁ ପ୍ରଣୟନ କରାଯାଇଛି । ସବସିଡ ମଧ୍ୟ ପ୍ରଦାନ କରାଯାଇଛି ।ତେବେ କୃଷି କର୍ମଚାରୀ ମାନେ ଏହି ସବୁ ବ୍ୟବସ୍ଥା ଓ ଅଣଧାନ ଚାଷ ସମ୍ପର୍କରେ, ବୈଷୟିକ ଜ୍ଞାନ ଉପଯୋଗ ସମ୍ପର୍କରେ କୃଷକ ମାନଙ୍କୁ ଅବଗତ ଓ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ । ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାର କାନ୍ତି ବେହେରା ବିଗତ ୧୦ ବର୍ଷ ମଧ୍ୟରେ କୃଷି ରେ ଅନେକ ଉନ୍ନତି ହୋଇଛି ।ପାରମ୍ପରିକ କୃଷି ବଦଳରେ ଆଧୁନିକ ପ୍ରଣାଳୀ ରେ ଚାଷ ପାଇଁ କୃଷକ ମାନେ ଆଗଭର ହେଲେଣି । ଚାଷୀ ମାନଙ୍କ ଆୟ ଦ୍ୱିଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଓ ଜୈବିକ ସାର ବ୍ୟବହାର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଆଧୁନିକ କୃଷି ପ୍ରଣାଳୀ, ଆଧୁନିକ କୃଷି ଯନ୍ତ୍ରପାତି, ମିଶ୍ରିତ ଚାଷ ଉପରେ କୃଷକ ମାନେ ପଦକ୍ଷେପ ନେବା, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତି ର ସଠିକ ଉପଯୋଗ ଓ ପରିଚାଳନା, ଉନ୍ନତ ଯାନ୍ତ୍ରିକରଣର ବିକାଶ ଓ ସୁଯୋଗ ନେବାପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ କୃଷି ଓ କୃଷକ ର ଉନ୍ନତି ପାଇଁ ଏହି ମେଳା ସହାୟକ ହୋଇ ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ସମର୍ଥ ବର୍ମା ମେଳାର ସଫଳତା କାମନା କରିବା ସହ କୃଷକ ମାନଙ୍କୁ ଏହି ମେଳାର ସୁଫଳ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୃଷି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବ୍ରଜ କିଶୋର ହୋତା, ବ୍ଲକ କୃଷି ଅଧିକାରୀ ପିୟୁଷ ବଲ୍ଲଭ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ କୃଷି ମେଳାକୁ ଉଦଘାଟନ କରିଥିଲେ । କୃଷି ମେଳାରେ ୬୩ ଟି କୃଷି ଓ କୃଷି ଯନ୍ତ୍ରପାତି ଷ୍ଟଲ ଏବଂ ୪ଟି ଖାଦ୍ୟ ଷ୍ଟଲ ଖୋଲା ଯାଇଛି । ଏହି ମେଳା ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଆତ୍ମା କମିଟିର ଅଧକ୍ଷ, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ, ଜିଲ୍ଲା ପରିଷଦ ସଦସ୍ୟ,କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀରର ମାସିକ ବୈଠକ

ବଲାଙ୍ଗୀର, ୮/୦୨ (ନି.ପ୍ର): ନୃସିଂହ ମନ୍ଦିର ଠାରେ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବେଠକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସାଧାରଣ ସଂପାଦକ ମଲିଆ ଗଡୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ତା ପରେ ଆସନ୍ତା ମାର୍ଚ୍ଚ ମାସରେ ହେବାକୁ ଥିବା ବାର୍ଷିକ ସାଧାରଣ ସଭା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି ବୈଠକ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସପିଟାଲ ବଲାଙ୍ଗିରର ଅଧକ୍ଷା ଏବଂ ଏସ୍‌ବିଆଇ ବଲାଙ୍ଗିର ମୁଖ୍ୟ ପରିଚାଳକ ଙ୍କୁ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ନିମନ୍ତ୍ରଣ କରିବା ପାଇଁ ଧାର୍ଯ୍ୟ କରାଗଲା । ଏହା ପରେ ଯେଉଁ ସଭ୍ୟଙ୍କୁ ୮୦ ବର୍ଷ ବୟସ କିମ୍ବା ଅଧିକ ବୟସ ହୋଇଯାଇଛି ସେମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଆଜିକାର ବୈଠକରେ ଉପସଭାପତି ପର୍ଶୁରାମ ନାୟକ ଓ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ସତ୍ୟବନ୍ତ ବେଦବାକ, କାର୍ଯ୍ୟକାରିଣୀ ସଭ୍ୟ ହରେକୃଷ୍ଣ ପଟେଲ, ଆବାହକ ଜୀବନ କୁମାର ତ୍ରିପାଠୀ, ପ୍ରଦୀପ କୁମାର ସାହୁ, ଗୋପବନ୍ଧୁ ପୁରୋହିତ, ପୂର୍ଣ୍ଣଚନ୍ଦ୍ର ଦାଶ, ରଘୁନାଥ ମିଶ୍ର ଏବଂ ସଭ୍ୟ ମହାଦେବ ତ୍ରୁମୁନିଆ, ଲୋକନାଥ ନେପାକ, ଚାଷୀ ବରାଡ, ଦଶରଥ ବାଘ, ଅଶୋକ କୁମାର ଚାନ୍ଦ ଏବଂ ଶ୍ରଦ୍ଧାକର କମ୍ପ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଖାଉଟି ସୁରକ୍ଷା ସଚେତନତା ସପ୍ତାହ ପାଳନ

କନ୍ଧମାଳ, ୮/୦୨ (ନି.ପ୍ର): ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଖାଉଟି ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ଅଧିବକ୍ତା ବିଜୟକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ । ସାମ୍ପ୍ରତିକ ସମୟରେ ଗ୍ରାହକ ମାନେ ସଚେତନ ହେବା ସହ ଜିନିଷ କିଣିଲା ବେଳେ ଯେମିତି ଠକାମିରେ ନ ପଡିବେ ଏବଂ ବିଲ ସାଙ୍ଗରେ ନେବେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ମାପ ଓ ଓଜନ ବିଭାଗର ଅଧିକାରୀ ରାଜେଶ କୁମାର ନାୟକ ଏବଂ ବିକାଶ ଚନ୍ଦ୍ର ସାହୁ, ସତ୍ୟବ୍ରତ ଷାଣ୍ଢ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଲ୍ୟାଣୀର ସମ୍ପାଦିକା ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିଲା ବେଳେ ତାଲିମପ୍ରାପ୍ତ ଅଧିକାରୀ ଡ଼ଃ. ନୃସିଂହାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲାବେଳେ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ନିର୍ମଳାପ୍ରଭା ନାୟକଙ୍କ ପରଲୋକରେ ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ଶୋକ ପ୍ରକାଶ

କେନ୍ଦ୍ରାପଡ଼ା, ୮/୦୨ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧିକା ନିର୍ମଳାପ୍ରଭା ନାୟକଙ୍କ ସୋମବାର ଦିନ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ହୋଇଥିଲା । ତାଙ୍କ ପରଲୋକରେ ସାହିତ୍ୟ, ରାଜନୀତି ଓ ସମାଜସେବା ସହ ଜଡ଼ିତ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି । ଶ୍ରୀମତୀ ନାୟକ ପାଟକୁରା ଗାନ୍ଧୀ ଭାବେ ପରିଚିତ ରାଜକିଶୋର ନାୟକଙ୍କ ପତ୍ନୀ ତଥା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ମାଆ । ସେ ବୟସାଧିକ କାରଣରୁ ଅସୁସ୍ଥ ଥିବାବେଳେ ତାଙ୍କର ପରଲୋକ ଘଟିଛି । ଗତବର୍ଷ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ତାଙ୍କ ରଚିତ ସାୟାହ୍ନର ସ୍ମୃତି ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା । ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନଜୀବୀ ବରିଷ୍ଠ ଆଇନଜୀବୀ ଗଗନ ବିହାରି ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା, ଗୋବର୍ଦ୍ଧନ ରାଉତ, ପୂର୍ବତନ ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନ, ରମାକାନ୍ତ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ନିରଂଜନ ବଳ, ଅରୁଣ ପ୍ରସାଦ ଦାସ, ମାନସ ରଂଜନ ଧଳ, ବ୍ରଜସୁନ୍ଦର ରାଉତ, ମନୋଜ ସାହୁ, ଇତିହାସ ଲେଙ୍କା, ସୁରେଶ ନାୟକ,ସ୍ମୃତିରଂଜନ ସିଂ, ଶେଷଦେବ ଦାସ , କୁଞ୍ଜ ବିହାରୀ ପରିଡ଼ା, ଅଜୟ ମହାନ୍ତି, ଶିଶିର ମଲିକ, ବୁଦ୍ଧିଜୀବୀ ଡଃ. ବାସୁଦେବ ଦାସ, କରୁଣାକର ଦାସ, ଅଧ୍ୟାପକ ବିପିନ ବିହାରୀ ବାରିକ, ବୈଷ୍ଣବ ଚରଣ ସ୍ୱାଇଁ, କାର୍ତ୍ତିକ ଚରଣ ନାୟକ, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, କୃଷ୍ଣଚନ୍ଦ୍ର ଜେନା, ଅନନ୍ତ ଗୋପାଳ ଦାସ, ଧିରେନ୍ଦ୍ର କୁମାର ଦାସ, ସତ୍ୟପ୍ରିୟ ଦାସ, କିଶୋର ପ୍ରଧାନ, ଅକ୍ଷୟ ପ୍ରିୟ ଦାସ, ସତ୍ୟବ୍ରତ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ବାରିପଦା ଠାରେ ଆଂଚଳିକ କୃଷି ମହୋତ୍ସବ ଓ ଜିଲ୍ଲା କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




ବାରିପଦା,୦୮/୦୨ (ନି.ପ୍ର): ଆଜି ବାରିପଦା ସ୍ଥିତ ଛଉ ପଡିଆ ଠାରେ ଆଂଚଳିକ କୃଷି ମହୋତ୍ସବ ଓ ଜିଲ୍ଲା କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମୟୁରଭଂଜ ଜିଲ୍ଲା ସମେତ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲା କୁ ନେଇ ଆୟୋଜିତ ଉକ୍ତ ମେଳା କୁ ଆଜିର ମୁଖ୍ୟ ଅତିଥି ଭାବରେ ଓଡିଶାର କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦା, ମୟୁରଭଂଜ ଜିଲ୍ଲପାଳ ବିନୀତ ଭରଦ୍ୱାଜ, ଖାଦ୍ୟ ଉତ୍ପାଦନ ଓ ପ୍ରକ୍ରିୟାକରଣ ନିର୍ଦେଶକ ପ୍ରେମ ଚାନ୍ଦ ଚୌଧୁରୀ, ଉଦ୍ୟାନ ବିଭାଗ ଡାଇରେକଟର ରୋହିତ କୁମାର ଲେଙ୍କା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର,ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୋରଡା ବିଧାୟକ ଶ୍ରୀ ରାଜ କିଶୋର ଦାସ, ବାଙ୍ଗରିପୋଷୀ ବିଧାୟକ ସୁଦାମ ମାରାଣ୍ଡି ଏବଂ ଏଗ୍ରୋ ଇଣ୍ଡଷ୍ଟ୍ରିଜ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡିଶା କିଭଳି କୃଷି ଓ କୃଷକ ସଶକ୍ତି କରଣ କ୍ଷେତ୍ରରେ ବିଭିନ୍ନ ଯୋଜନା ମାନ ପ୍ରଣୟନ କରି ସଫଳତା ପାଇଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ । କୃଷି କେବଳ କ୍ଷୁଧା ନିବାରଣ ରେ ସୀମିତ ନରହି ଉତ୍ପାଦିତ ଖାଦ୍ୟ ଯେମିତି ରକ୍ତହୀନତା ଓ ଅପପୃଷ୍ଟିକୁ ରୋକିବା ଦିଗରେ ସହାୟକ ହେବ ସେ ଦିଗରେ ମଧ୍ୟ ସରକାର ଧ୍ୟାନ ଦେଇ ମିଲେଟ ମିଶନ ଭଳି ଯୋଜନା ପ୍ରଣୟନ କରାଯାଇଛି । ଏହି ମେଳା ରେ ବିଭିନ୍ନ ପ୍ରକାର ୧୧୫ ଟି ଷ୍ଟଲ ଖୋଲା ଯାଇ ଏଥିରେ ବିଭିନ୍ନ ଏଗ୍ରୋ ଇଣ୍ଡଷ୍ଟ୍ରିଜ, ବ୍ୟାଙ୍କର, କୃଷକ, ମିଶନ ଶକ୍ତି ଗ୍ରୁପ ଅଂଶ ଗ୍ରହଣ କରିଛନ୍ତି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ତଥା ଅନ୍ୟାନ୍ୟ ଅତିଥି ମାନେ ଚାଷ କ୍ଷେତ୍ରରେ ସଫଳତା ହାସଲ କରିଥିବା ଅଗ୍ରଣୀ ଚାଷୀ ମାନଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର କୃଷି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରେ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ. ପ୍ରକାଶ ଥାଉକି ଏହି ମେଳା ଆଜି ଠାରୁ ଆରମ୍ଭ ହୋଇ ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ନରଣପୁର ପଂଚାୟତର ମହାଦୁର୍ନୀତି : କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ପାଇଁ ଚେତାବନୀ

ନୀଳଗିରି,୦୮/୦୨ (ନି.ପ୍ର): ନୀଳଗିରି ବ୍ଲକର ନରଣପୁର ପଂଚାୟତର ମନରେଗା ଯୋଜନାରେ ୫୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟାପକ ଦୁର୍ନିତୀ ହୋଇଥିବା ଏ ନେଇ ପଂଚାୟତର ଜନସାଧାରଣ ମାନ୍ୟବର ସାଂସଦ, ମାନ୍ୟବର ବିଧାୟକ, ଜିଲ୍ଲାପାଳ, ବାଲେଶ୍ୱର, ଉପଜିଲ୍ଲାପାଳ, ନୀଳଗିରି ଏବଂ ବିଡିଓଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ମାନ୍ୟବର ସାଂସଦ ଓ ବିଧାୟକଙ୍କ ହସ୍ତକ୍ଷେପ ପରେ ବ୍ଲକ ପ୍ରଶାସନ ପକ୍ଷରୁ କିଛି ପ୍ରକଳ୍ପ ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ପରେ ଜିଲ୍ଲାପାଳ ଦୁର୍ନିତୀ ସହ ସଂପୃକ୍ତ ଅଧିକାରୀମାନଙ୍କୁ ୧୫ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ଉକ୍ତ କାରଣ ଦର୍ଶାଅ ନୋଟିରେ ୫ଲକ୍ଷ ୪ହଜାର ଟଙ୍କା ଭରଣ ପାଇଁ ଉଲ୍ଲେଖ କରିଥିଲେ ଜିଲ୍ଲାପାଳ । ଯେଉଁ ପ୍ରକଳ୍ପ ଗୁଡ଼ିକ ତଦନ୍ତ ପରିସରଭୁକ୍ତ ହୋଇ ନାହିଁ, ସେସବୁ ପ୍ରକଳ୍ପକୁ ତଦନ୍ତଭୁକ୍ତ କରିବା ପାଇଁ ଯେଉଁ ଅଧିକାରୀମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ମାନ୍ୟବର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ , ବ୍ଲକ ପ୍ରତିନିଧି କରୁଣାକର ପଣ୍ଡା ଏନ.ଏସି. ସଭାପତି ପ୍ରଫୁଲ୍ଲ ଦଳାଇ ପ୍ରମୁଖ ପ୍ରଦାନ କରିଛନ୍ତି ।

## କଠିନ ପରିଶ୍ରମ ହିଁ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ




ବସ୍ତା,୦୮/୦୨ (ନି.ପ୍ର): ବସ୍ତା ବ୍ଲକ ଅଧୀନ ରୂପସାସ୍ଥିତ ହୀରାପୁର ହାଇସ୍କୁଲର ବାର୍ଷିକୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଠିନ ପରିଶ୍ରମ ଛାତ୍ରଛାତ୍ରୀ ମାନଙ୍କର ସଫଳତାର ଆଧାର ବୋଲି ମତବ୍ୟକ୍ତ କରିଛନ୍ତି । ଏହି ସଫଳତା ସେମାନଙ୍କୁ ଜୀବନରେ ଭଲ ମଣିଷ ହେବାରେ ସାହାଯ୍ୟ କରିଥାଏ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ମୁଖ୍ୟବକ୍ତାଭାବେ କଖାରୁଆ ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ମିଶ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବାଲେଶ୍ୱରସ୍ଥିତ ଭାରତ ସରକାରଙ୍କ କ୍ଷେତ୍ରୀୟ ପ୍ରଚାର ବିଭାଗର କ୍ଷେତ୍ରୀୟ ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜିତେନ୍ଦ୍ର କୁମାର ପଣ୍ଡା ଓ ଉପଦେଷ୍ଟା ବିଜନ କୁମାର ପ୍ରଧାନ ଯୋଗଦେଇଥିଲେ । ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିବା ବେଳେ ଜଗଦୀଶ ବ୍ରହ୍ମଚାରୀ ଅତିଥି ପରିଚୟ ଓ ଯାଜ୍ଞସେନୀ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ଜୟସ୍ମିତା ମହାପାତ୍ର, ସାଇ ସମୀକ୍ଷା ଦାସ, ତନିଶା ପ୍ରୀତି ପଣ୍ଡା, ପ୍ରତ୍ୟୁଷା ସିଂହ, ଲକ୍ଷ୍ମୀପ୍ରିୟା ସାହୁ ଓ ଅର୍ଚ୍ଚନା ଆଚାର୍ଯ୍ୟ ପ୍ରମୁଖ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ।

## ଫେବୃୟାରୀ ୧୦ ରୁ ୧୯ ଫାଇଲେରିଆ ନିରାକରଣ ଅଭିଯାନ

ଭଦ୍ରକ,୦୮/୦୨ (ନି.ପ୍ର): ଚଳିତ ଫେବୃୟାରୀ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ଓ ୪ଟି ପୌରାଞ୍ଚଳରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ନେଇ ଆଜି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଶିଶୁ ବିଶେଷଜ୍ଞ ଡା. ସନ୍ତୋଷ କୁମାର ଜେନା, ଡି.ପି.ଏଚ୍.ଓ., ଡା ଭାରତୀ ରାଉତ ଏ.ଡ଼ି.ପି.ଏଚ୍.ଓ. (ଭିବିଡ଼ି) ଡା. ମୁରଲୀଧର ନାୟକ, ଜିଲ୍ଲା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂଯୋଜକ ଆଶିଷ ବିଦ୍ୱାନିଆ ପ୍ରମୁଖ ଉପସ୍ଥିତ ରହି ସମୁଦାୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ । ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଏବଂ ଏହା ସେବନ କଲେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବେ ବୋଲି କୁହାଯାଇଥିଲା । ଫାଇଲେରିଆ ରୋଗରୁ ପ୍ରତିରୋଧ ତଥା ନିରାକରଣ ପାଇଁ ସରକାରଙ୍କ ତରଫରୁ ବାତଜ୍ୱର ନିରାକରଣ ସହିତ ଜାତୀୟ କୃମିନାଶନ କାର୍ଯ୍ୟକ୍ରମ ଜାରି ରହିଛି । ଗୋଷ୍ଠୀରେ ସମସ୍ତଙ୍କ ଦେହରୁ ଫାଇଲେରିଆ ବା ବାତଜ୍ୱର କୀଟାଣୁ ନଷ୍ଟ କରିବା ପାଇଁ ଦିଆଯାଉଥିବା ଡି.ଇ.ସି ଓ ଆଲବେଣ୍ଡାଜଲ ବଟିକା ସେବନ କରିବା ନିହାତି ଆବଶ୍ୟକ । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅନେକ ଦିନ ଧରି ରୋଗରେ ପୀଡ଼ିତ ଥିବା ଲୋକ ମାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ । ବୟସ ଅନୁସାରେ ଏହି ଔଷଧ ଦିଆଯାଇଥାଏ । ୨ ରୁ ୫ ବର୍ଷ ବୟସର ଶିଶୁଙ୍କୁ ଡ଼ି.ଇ.ସି ବଟିକାରୁ ୧ଟି ଓ ଆଲବେଣ୍ଡାଜଲ ବଟିକାରୁ ୧ଟି ପେଟପୁରା ଖାଇସାରିବା ପରେ ଖାଇବାକୁ ହୋଇଥାଏ । ୬ ରୁ ୧୪ ବର୍ଷ ବୟସର ପିଲା ଡି.ଇ.ସି. ବଟିକାରୁ ୨ଟି ଆଲବେଣ୍ଡାଜଲ ରୁ ୧ଟି ପେଟପୁରା ଖାଇସାରିବପାରେ ଖାଇବେ । ଖାଲି ପେଟରେ ଏହି ଔଷଧ ଖାଇବା ମନା । ସୂଚନା ଯୋଗ୍ୟ କି ଥରେ ଗୋଦର ହୋଇଗଲେ ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ କୌଣସି ଚିକିତ୍ସା ନାହିଁ । ଯେଉଁ ମାନଙ୍କ ଦେହରେ ଅଧିକ ପରିମାଣର ବାତଜ୍ୱର କୀଟାଣୁ ଥାଆନ୍ତି, କେବଳ ସେମାନଙ୍କ ଠାରେ କେତେକ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇପାରେ ବୋଲି ପ୍ରକାଶ କରାଯାଇଥିଲା । ଔଷଧ ଖାଇବା ପରେ ଏପରି ଲକ୍ଷଣ ପ୍ରକାଶ ପାଇଲେ ଓ ଆର୍.ଏସ୍. ପାଣିପିଇ ବିଶ୍ରାମ ନେବାକୁ କୁହାଯାଇଛି ।

## ଅବକାରୀ ବିଭାଗର ଚଢ଼ାଉ : ଦେଶୀ ମଦ, ଗଞ୍ଜେଇ ଜବତ

ବସ୍ତା,୦୮/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ସ୍ୱତନ୍ତ୍ର ସ୍କୁଆର୍ଡ ତିରିଶ ଜଣିଆ ଟିମର ଭୋଗରାଇ, ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ଚଢ଼ାଉ, ୧୦୫ ଲିଟରରୁ ଅଧିକ ଦେଶୀମଦ ୩୮କେଜି ଗଞ୍ଜେଇ, ତିନୋଟି ମଟର ସାଇକେଲ ସହ ଘଟଣାରେ ପାଞ୍ଚଜଣ ବେପାରୀ ଗିରଫ । ସୂଚନା ଅନୁସାରେ ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ନିର୍ଦେଶ କ୍ରମେ ଯୁଗ୍ମ କମିଶନର ରାମଚନ୍ଦ୍ର ପାଲଟା, ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀ, ଆଇଆଇସି ସତ୍ୟଜିତ ଖଟୁଆ, ଓଆଇସି ଦେବେନ୍ଦ୍ର କୁମାର ବେହେରା, ଭଗବାନ ମହାନନ୍ଦିଆ ଙ୍କ ନେତୃତ୍ୱରେ ବସ୍ତା, ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ତେବେ ଗଞ୍ଜେଇ ସହ ମଦ ଗାନ୍ଧିଛକ-ଦରଡା ରାସ୍ତା ର କୁଣ୍ଡେଇ ଛକ ନିକଟରୁ ଧରାଯାଇ ପାଞ୍ଚ ଜଣକୁ ଗିରଫ କରାଯାଇଥିବା ବେଳେ ଅବକାରୀ ବିଭାଗ ଆସାମୀ ମାନଙ୍କୁ ନେଇ ଭୋଗରାଇ, ଜଳେଶ୍ୱର, ଥାନା ଦର୍ଶାଇବାକୁ ନେଇ ଚର୍ଚ୍ଚା ଲାଗିରହିଛି ।

## ନୀଳଗିରି ଯୋଗାଣ ବିଭାଗ କମାରେ, ହିତାଧିକାରୀ ହନ୍ତସନ୍ତ

ନୀଳଗିରି,୦୮/୦୨ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଥିବା ଯୋଗାଣ ବିଭାଗଟି ଏବେ କମାରେ ଚାଲିଥିବା ବେଳେ ବହୁ ହିତାଧିକାରୀ ବିଭିନ୍ନ କାର୍ଯ୍ୟ ପାଇଁ ଆସି ହନ୍ତସନ୍ତ ହେଉଥିବାର ଦେଖିବାକୁ ମିଳିଛି । ୨୫ଗୋଟି ପଂଚାୟତ ସମେତ ନୀଳଗିରି ଏନ.ଏ.ସି. ର ୧୩ଗୋଟି ୱାର୍ଡର ବିଭିନ୍ନ ସମସ୍ୟା ନେଇ ବୁଢ଼ାବୁଢ଼ୀମାନେ ଅଫିସକୁ ଆସୁଥିବା ବେଳେ ଅଧିକାରୀଙ୍କ ଦେଖା ମିଳୁ ନ ଥିବାରୁ ହିନସ୍ତା ହେଉଥିବାର ଅଭିଯୋଗ ହେଉଛି । ଏହି ବିଭାଗର ବାଲେଶ୍ୱରର ଯୋଗାଣ ଅଧିକାରୀ ଦାୟିତ୍ୱ ରେ ଥିବା ବେଳେ ତାଙ୍କର ମଧ ଏଠାରେ ଦେଖା ମିଳୁ ନାହିଁ । ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ କାର୍ଯ୍ୟରତ ଏ.ସି.ଏସ.ଓ. ନିଜେ ସଠିକ୍ ରୂପେ ଚାଲି ପାରୁ ନ ଥିବା ବେଳେ କିଭଳି କାର୍ଯ୍ୟ କରୁଥିବେ ତାହା ଭଗବାନଙ୍କୁ ଜଣା । ଏପଟେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦର୍ଶନ ମିଳୁ ନ ଥିବାରୁ ନୀଳଗିରି ଉପଖଣ୍ଡରେ ସ୍ଥାୟୀ ଯୋଗାଣ ନିଯୁକ୍ତି ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### କଂଗ୍ରେସରେ ଯୋଗଦେବେ ପୂର୍ବତନ....

ରାଜ୍ୟରେ ବୁଡିଯାଉଥିବା କଂଗ୍ରେସ ପାଇଁ ସେ କି ସଞ୍ଜିବନୀ ଦେବେ ତାକୁ ନେଇ ରାଜନୈତିକ ମହଲ ଅଙ୍କକଷା ଆରମ୍ଭ କରିଛନ୍ତି । ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଥିବାବେଳେ ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେଉଥିବା ନେଇ ଚର୍ଚ୍ଚା ହୋଇଥିଲା । କିନ୍ତୁ କୌଣସି କାରଣରୁ ତାହା ସ୍ଥଗିତ ରହିଥିଲା । ପରେ ବାରମ୍ବାର ବୈଠକ ବସି ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେବା ପାଇଁ ପଥ ପରିଷ୍କାର ହୋଇଛି । ରାଜ୍ୟର ପ୍ରଶାସନିକ ସେବାରେ ବିଜୟ ପଟ୍ଟନାୟକ ଜଣେ ଜଣାଶୁଣା ନାଁ । ୨୦୧୩ ମସିହାରେ ସେ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ । ଅବସର ପରେ ଷ୍ଟାଫ ସିଲେକ୍ସନ କମିଶନର ଅଧ୍ୟକ୍ଷ ହୋଇଥିଲେ । ଏହାପରେ ମାନବାଧିକାର କମିଶନ ଭାବେ ନିଯୁକ୍ତି ପାଇଥିଲେ । ଏହା ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟରେ ଯୋଗଦେଇଥିଲେ ।

### ପୁଣି ବଦଳିପାରେ ଗାଡି ନମ୍ବର....

ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ । ତେବେ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତିରେ ସାଧାରଣ ଲୋକ ସମସ୍ୟା ଭୋଗୁଛନ୍ତି ବୋଲି କହିଛନ୍ତି ସଡକ ସୁରକ୍ଷା ବିଶେଷଜ୍ଞ । ଟୋଲ ଆଦାୟ ପ୍ରକ୍ରିୟାକୁ ସହଜ କରିବା ପାଇଁ ଗାଡିରେ ଫାଷ୍ଟଟ୍ୟାଗ ବ୍ୟବସ୍ଥା କରାଗଲା । କିନ୍ତୁ ଏହାର ସେଭଳି କୌଣସି ପ୍ରଭାବ ପଡିଲାନି । ଟୋଲଗେଟରେ ଗାଡିର ଲମ୍ବା ଧାଡି ପୂର୍ବଭଳି ଲାଗିରହିଲା । ସେଥିପାଇଁ ଏବେ କେନ୍ଦ୍ର ସରକାର ଏ.ଏନ.ପି.ଆର ବ୍ୟବସ୍ଥା କରିବାକୁ ଯାଉଛନ୍ତି । ଆଗକୁ ଟୋଲ ଗେଟ ଉଠାଇ ଜାତୀୟ ରାଜପଥରେ ଅତ୍ୟାଧୁନିକ କ୍ୟାମେରା ଲଗାଇବେ ସରକାର । ନମ୍ବର ପ୍ଲେଟକୁ ସ୍କାନ କରିବ ଏହି କ୍ୟାମେରା ଆଉ ଟୋଲ ବାବଦକୁ ଟଙ୍କା ଆପଣଙ୍କ ଆକାଉଣ୍ଟରୁ କଟିଯିବ । ଏଥିପାଇଁ ଗାଡିର ନମ୍ବରକୁ ଆକାଉଣ୍ଟ ସହ ଯୋଡିବାକୁ ପଡିବ ।

### ଭୂକମ୍ପ ଝଟକାରେ ଛାରଖାର....

ଖାଲି ଏତିକି ନୁହେଁ ଧ୍ୱଂସ ସ୍ତୁପ ତଳେ କିଭଳି ଭଉଣୀଟି ତାର କୁନି ଭାଇକୁ ବଂଚାଇ ରଖିଛି ତାର ଦୃଶ୍ୟ ସମସ୍ତଙ୍କ ଆଖିରେ ଲୁହ ଆଣିଦେଇଛି । ଭଙ୍ଗା ବିଲ୍ଡିଂର ସ୍ଲାବ ତଳେ ଚାପି ହୋଇ ରହିଛି ୭ ବର୍ଷର ଝିଅ । ଆଉ ପାଖରେ ରହିଯାଇଛି ତାର କୁନି ଭାଇ । ନିଜ ଭାଇକୁ ସୁରକ୍ଷା ଦେବାକୁ ହାତ କହୁଣୀ ଢାଙ୍କି ରଖିଛି । ଦୀର୍ଘ ୧୭ ଘଂଟାର ଯନ୍ତ୍ରଣା ସହି ନିଜ ଭାଇକୁ ଦେଇଥିଲା ସୁରକ୍ଷା । ଯେତେବେଳେ ଉଦ୍ଧାରକାରୀ ଟିମ୍ ତା ନିକଟରେ ପହଂଚିଥିଲେ, ସେତେବେଳେ ଝିଅଟି ମୁହଁରୁ ଯାହା ବାହାରିଥିଲା, ତାହା ସମସ୍ତଙ୍କୁ ତାଜୁବ୍ କରିଛି । ଭୟଭରା ଆଖିରେ କହିଥିଲା, ଆମକୁ ବଂଚାଇଦିଅ, ଯାହା କହିବ ଆମେ କରିବୁ, ସାରା ଜୀବନ ଆପଣଙ୍କ ଗୁଲାମ ହୋଇ ରହିବି । ଏହି କେଇ ପଦ ସମସ୍ତଙ୍କ ହୃଦୟକୁ ଆନ୍ଦୋଳିତ କରିପକାଇଛି ।

### ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ....

ଜମି ଓ ପ୍ରକଳ୍ପ ଖର୍ଚ୍ଚର ୫୦% ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ୧୨ଟି ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବାକୁ ଚୁକ୍ତିନାମା ହୋଇଥିଲା । କେବଳ ଭୁବନେଶ୍ୱରକୁ ବାଦ ଦେଲେ ଅନ୍ୟ ୧୧ଟି ଷ୍ଟେସନର ବିକାଶ ହୋଇନି । ସେ କହିଛନ୍ତି ଯେ ରାଜ୍ୟରେ ମୋବାଇଲ ଓ ଡିଜିଟାଲ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ । ଆଦିବାସୀ ଅଧ୍ୟୁଷିତ, ଦକ୍ଷିଣ ଓ ପଶ୍ଚିମ ଓଡିଶାର ଲୋକେ ଏହି ସେବା ପାଇପାରୁନାହାଁନ୍ତି । ଏବେ ବି ଲୋକେ ଗଛରେ ଚଢି ମୋବାଇଲ ନେଟୱର୍କ ବ୍ୟବହାର କରୁଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ବହୁ ପଂଚାୟତରେ ବ୍ୟାଙ୍କିଙ୍ଗ ସେବା ନାହିଁ । ପଂଚାୟତରେ ବ୍ୟାଙ୍କର କାର୍ଯ୍ୟାଳୟ ନଥିବାରୁ ଲୋକେ ପ୍ରଭାବିତ ହେଉଛନ୍ତି ।

## ଆରପାରିରେ ବସ୍ତା ବିଜେଡି ମିଡିଆସେଲ ସଂଯୋଜକ ବିରାଜ ସିଂଦେଓ



ବସ୍ତା,୦୮/୦୨ (ନି.ପ୍ର): ବସ୍ତା ଥାନା ସଦାନନ୍ଦପୁର ପଞ୍ଚାୟତ ମାଛିଆ ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସ ଅଧିକାରୀଙ୍କ ବଡପୁତ୍ର ବିରାଜ ସିଂଦେଓ (୫୪) କାଲି ବିଳମ୍ବିତ ରାତ୍ରୀରେ ମୃତ୍ୟୁ ବରଣ କରିଛନ୍ତି । ସେ ଜଣେସମାଜ ସେବୀ ପରଉପକାରୀ ପୁଣି ବିଜୁ ଜନତା ଦଳର ବସ୍ତା ମିଡିଆସେଲ ସଂଯୋଜକ ଭାବେ କାର୍ଯ୍ୟରତ ଥିଲେ । ବୁଧବାର ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ବସ୍ତା ବଜାର ସମେତ ମାଛିଆ ଗାଁରେ ଦୁଃଖର ବାତା ବରଣ ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତ ଶରୀର ବ୍ୟବଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ତେବେ ଡାକ୍ତରି ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ଡା ଅରୁଣକୁମାର ଭୂୟାଁ ପ୍ରକାଶ କରିଛନ୍ତି । ଶେଷ ଦର୍ଶନ ପାଇଁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ବିଜେଡି ବ୍ଲକ ସଭାପତି ଅନିଲ ମହାନ୍ତି, ଜିଲ୍ଲାପରିଷଦ ପ୍ରତିନିଧି ସଞ୍ଜୟ ବୁଗୁଡି ସଦାନନ୍ଦପୁର ସରପଞ୍ଚ ରଚିତା ମହାନ୍ତି, ସମାଜସେବୀ ଶଙ୍କର କୁମାର କର.କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଶୁଂ ସେଖର ଯେନା, ରବିନ୍ଦ୍ର କୁମାର ଦାସ, ଅରବିନ୍ଦ ବେହେରା, ଟୁକୁ ସେଠୀ, ସାମ୍ବାଦିକ ବିଜୟ କୁମାର ଭୂୟାଁ, ସୁଶାନ୍ତ ପ୍ରଧାନ, ରବିଶଙ୍କର ବେହେରା, ବ୍ରାହ୍ମଣଦା ପଞ୍ଚାୟତ ସଭାପତି ନିଗମାନନ୍ଦଗିରି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସ ଭବନକୁ ଯାଇ ଶେଷ ଦର୍ଶନକରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ଅନୁପସ୍ଥିତିରେ ବସ୍ତା ଅଞ୍ଚଳରେ ଏକ ଶୁନ୍ୟ ସ୍ଥାନ ରହିଗଲା ।

## ରାମଚନ୍ଦ୍ର-ଅମ୍ବିକା ସ୍ମୃତି ପରିଷଦ

ବସ୍ତା,୦୮/୦୨ (ନି.ପ୍ର): ତରଫରୁ ୨୦୨୨ ମସିହା ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ବିସ୍ମୟ ସାହୁଙ୍କୁ ରାମଚନ୍ଦ୍ର-ଅମ୍ବିକା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ହୃଦାନନ୍ଦ ମୁର୍ମୁ ଓ ଦିନେଶ ସାହୁଙ୍କୁ କ୍ରୀଡା ଚମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ବାରିଦ ବରଣ ପ୍ରଧାନ, ଗିରିଜା ଶଙ୍କର ସାହୁ, କାହ୍ନୁ ଚରଣ ସ୍ୱାଇଁ, ସୋମନାଥ ପାତ୍ର, ଅଶୋକ ମୁର୍ମୁ ଓ ସଞ୍ଜୟ କୁମାର ପୋଥାଳ ପ୍ରମୁଖ ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି, ମଧୁସ୍ମିତା ନାୟକ, ମୁସାରତ ଜାହାଁ, ଶ୍ୱେତପଦ୍ମା ଶୁକ୍ଳା ଓ ମଧୁସ୍ମିତା ନାୟକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁ, ସଦସ୍ୟ ହରିଶ ଚନ୍ଦ୍ର ଗିରି, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, କଳ୍ପନା ସ୍ୱାଇଁ ଓ ପରିଚାଳନା ସମିତିର ସଦସ୍ୟ ଅନ୍ତର୍ଯ୍ୟାମୀ ମହାପାତ୍ର, ମନୋରଞ୍ଜନ ଦାସ ଓ ବିଶ୍ୱନାଥ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଅପାଲି ଅପରାଜିତା ଡ଼ଗର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୧୦ରୁ ଓଡ଼ିଶାରେ ପ୍ରଥମ ଅନ୍ତର୍ଜାତୀୟ ଶିଶୁ ଅସ୍ଥିଶଲ୍ୟ ତିନି ଦିନିଆ କର୍ମଶାଳା

ଭୁବନେଶ୍ୱର,୦୮/୦୨ (ନି.ପ୍ର): ଚଳିତ ମାସ ୧୦ ତାରିଖରୁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଯାଉଛି ୩ ଦିନିଆ ଅନ୍ତର୍ଜାତୀୟ ସ୍ତରର ଶିଶୁ ଅସ୍ଥିଶଲ୍ୟ କର୍ମଶାଳା (ପୋସନା ୨୦୨୩) । ପେଡିଆର୍ଟିକ୍ ଅର୍ଥୋପେଡିକ୍ ସୋସାଇଟି ଅଫ୍ ନର୍ଥ ଆମେରିକାର ସହଯୋଗରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ଏହି କର୍ମଶାଳାରେ ୩୫୦ରୁ ଉର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅସ୍ଥିଶଲ୍ୟ ବିଶେଷଜ୍ଞ, ଶିଶୁ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସମେତ ଅନ୍ୟ ଡାକ୍ତର ମାନେ ଯୋଗ ଦେବେ ବୋଲି ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କର୍ମଶାଳାକୁ ଅୟୋଜନ କରୁଥିବା କମିଟିର ସମ୍ପାଦକ ଡାକ୍ତର ଶକ୍ତି ପ୍ରସାଦ ଦାଶ ଏବଂ ଅଧ୍ୟକ୍ଷ ଡାକ୍ତର ସଂଜୟ କୁମାର ଦାଶ ସୁଚନା ଦେଇଛନ୍ତି । ଅର୍ଥୋପେଡିକ୍ ସୋସାଇଟି ଅଫ୍ ଓଡ଼ିଶାର ଅଧୀନରେ ଥିବା ପେଡିଆର୍ଟିକ୍ ଅର୍ଥୋପେଡିକ୍ ସୋସାଇଟି ଅଫ୍ ଓଡ଼ିଶା ଦ୍ୱାରା ଆୟୋଜିତ ଏହି ତିନି ଦିନିଆ କର୍ମଶାଳା ଫେବୃଆରୀ ୧୦ ତାରିଖ ଠାରୁ ଫେବୃଆରୀ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟର୍ ଠାରେ ଅନୁଷ୍ଠିତ ହେବ । ଏଥିରେ ଦେଶ ବିଦେଶର ୩୫୦ ରୁ ଉର୍ଦ୍ଧ୍ୱ ଅଭିଜ୍ଞ ତଥା ବରିଷ୍ଠ ଡାକ୍ତର ମାନେ ଶିଶୁ ଅସ୍ଥିଶଲ୍ୟ ଜନିତ ବିଭିନ୍ନ ରୋଗର କାରଣ, ଡାକ୍ତରୀ ପରୀକ୍ଷା ଓ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ନିଜ ନିଜର ରିସର୍ଚ୍ଚ ପେପର ଉପରେ ଆଲୋଚନା କରିବେ । ଏହି କର୍ମଶାଳା ଫଳରେ ଓଡ଼ିଶାରେ ବିଭିନ୍ନ ପ୍ରକାର ଶିଶୁ ଅସ୍ଥିଶଲ୍ୟ ରୋଗ ଓ ଶିଶୁ ଅସ୍ଥିଶଲ୍ୟ ରୋଗ ଜନିତ ଆଘାତର ଚିକିତ୍ସା କରୁଥିବା ଡାକ୍ତର ମାନଙ୍କୁ ଚିକିତ୍ସା କରିବାରେ ନିଶ୍ଚିତ ଭାବରେ ସହାୟକ ହେବ । ସେହି ଭଳି ଏହି ଭଳି କର୍ମଶାଳା ଆୟଜିତ ହେବା ଫଳରେ ସ୍ଥାନୀୟ ଡାକ୍ତରମାନେ ଦେଶ ବିଦେଶର ଅନେକ ଅଭିଜ୍ଞ ତଥା ବରିଷ୍ଠ ଡାକ୍ତରମାନଙ୍କ ଠାରୁ ଶିଶୁ ଅସ୍ଥିଶଲ୍ୟ ଚିକିତ୍ସା ସମ୍ପର୍କ ଜ୍ଞାନ ପାଇ ପାରିବେ । ଏହି ଭଳି କର୍ମଶାଳା ଫଳରେ ଡାକ୍ତରୀ ପାଠ ସହିତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଡାକ୍ତରମାନେ ଓଡ଼ିଶାର କଳା, ସଂସ୍କୃତି ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ମଧ୍ୟ ଅନେକ କଥା ଜାଣିବାକୁ ପାଇବେ ବୋଲି କମିଟି ତରଫରୁ ସୂଚନା ଦିଆଯାଇଚି ।

**LOST**

The original Title Deed bearing no.431 dt.03.03.2006 registered before R.O, Basta, with respect to Plot no.860, Khatian no. 47, Area A.0.27 dc. (Part) under Mouza: Raisuan, P.S: Basta, Dist: Balasore, executed in favour of Trideb Sahu, S/o : Krutibas Sahu is lost. No Equitable Mortgage/ Charge with any Bank / Financial Institution is created by depositing the said original Regd. Sale Deed as security against any loan. If any individual/Bank.Financial Institution is holding the said original Sale Deed, is requested to inform Uco Bank, Bahabalpur Branch, Balasore (Mobile no. 9078330789) within 7 days from the date of this notice, to whome I have proposed to avail a loan by mortgaging the said deed along with its subsequent Consolidation Settlement R.O.R vide. Khatian no 143. Plot no. 1598, A.0.25 dc., Mouza : Raisuan. Sr. Chinmay Kumar Sahu, S/o : Late Trideb Sahu, At : Nayapada, P.O. : Haldipada, PS : Basta, Dist : Balasore (Mobile No. 7978099461)

## ପ୍ରତିଭା ପ୍ରଦର୍ଶନ ପଛର ସାଧନା ଅନ୍ୟପାଇଁ ପ୍ରେରଣାଦାୟୀ ହେବ



ଭଦ୍ରକ,୦୮/୦୨ (ନି.ପ୍ର): କୌଣସି ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ସେହି ଅନୁଷ୍ଠାନର ବିଦ୍ୟାର୍ଥୀ ମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ । ପାଠପଢ଼ା ସହିତ ନୃତ୍ୟ, ସଙ୍ଗୀତ, କ୍ରୀଡ଼ା, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଆଦି କ୍ଷେତ୍ରରେ ପ୍ରତିଭା ସମ୍ପନ୍ନ ଛାତ୍ର ଛାତ୍ରୀଙ୍କୁ ପ୍ରତିଭା ପ୍ରଦର୍ଶନର ସୁଯୋଗ ସହିତ ପୁରସ୍କାର ବିତରଣ ଏହି ଉତ୍ସବରେ ସେମାନଙ୍କୁ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ଅନେକ ଖୁସି ଦେବା ସହିତ ଆଗକୁ ବଢ଼ିବାକୁ ଉତ୍ପ୍ରେରିତ କରାଇଥାଏ । ପ୍ରତିଭା ପ୍ରଦର୍ଶନ କରୁଥିବା ପିଲାଟିର ଦକ୍ଷତା ଅର୍ଜନ ପଛରେ ଥିବା କଷ୍ଟ ବା ସାଧନା ଅନ୍ୟମାନଙ୍କୁ ଅନୁକରଣ କରିବାକୁ ଶିକ୍ଷାଦିଏ । ୧୯୫୯ରେ ଭଦ୍ରକ ସହରରେ ପ୍ରତିଷ୍ଠା ହୋଇଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଦ୍ରକ ଏବଂ ୨୦୧୮ରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ ନାମରେ ନାମିତ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ ଏହା ପ୍ରକାଶ କରିଥିଲେ । ଭଦ୍ରକ ବିଧାୟକ ସଂଜୀବ କୁମାର ମଲିକ୍ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ସୁଶ୍ରୀ ଅଞ୍ଜନା ମିଶ୍ର, ଓକରା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ଦାସ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନଲତା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମତୀ ସାହୁ ଏବଂ ଅନ୍ୟତମ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ବିନୋଦିନୀ ମହାନ୍ତିଙ୍କୁ ମାନପତ୍ର ସହ ଉପଢ଼ୌକନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଅତିଥି ଶିକ୍ଷକ ଭାବେ ଶିକ୍ଷାଦାନ କରୁଥିବା ଅବସରପ୍ରାପ୍ତ ଶିକ୍ଷକ କରୁଣାକର ଉପାଧ୍ୟାୟ ଏବଂ କମଳାକାନ୍ତ ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ବାର୍ଷିକ ବିବରଣୀ ଉପସ୍ଥାପନ ଆଧାରରେ ପ୍ରଧାନ ଶିକ୍ଷକ ହାଇସ୍କୁଲ ପରୀକ୍ଷାରେ ଶତପ୍ରତିଶତ ସଫଳତା, ଅନ୍ୟାନ୍ୟ କ୍ଷେତ୍ରରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ କୃତିତ୍ୱ ଅର୍ଜନ ବିଷୟ ପ୍ରତିପାଦିତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରାଜକିଶୋର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନୀ ସଭା ପରେ ପରେ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ, ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଆଦି ବିଭିନ୍ନ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୁରସ୍କାର ବିତରଣ ପାଇଁ ଅପରାହ୍ନ ଅଧିବେଶନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଡଃ ମାୟାଧର ସାହୁ, ବ୍ଲକ୍ ଶିକ୍ଷାଧିକାରୀ ଭଦ୍ରକର ଚକ୍ରଧର ମଲ୍ଲିକ୍, ବାସୁଦେବପୁର ଜଗବନ୍ଧୁ ସାହୁ, ସରକାରୀ ଯନ୍ତ୍ରୀ, ପୂର୍ତ୍ତ, ଭଦ୍ରକ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ସଭାପତି ରୋଟାରୀ କ୍ଲବ୍ ମିଡ଼୍‌ଟାଉନ୍ ପ୍ରୀତିରଞ୍ଜନ ଜେନା ଏବଂ ସମାଜ ସେବୀ ପଙ୍କଜ ବଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

